

ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ

**ସଂକ୍ଷେପରେ**

## ବନ୍ଦ ହେଲା ବାଲ୍ୟ ବିବାହ

ବାମରା,୨୯।୭(ଡ଼ି.ଏନ.ଏ.)- ବାମରା ବ୍ଲକ କବରିବାହାଲ ପଞ୍ଚାୟତ ବନ୍ଧକାନୀ ଗାଁର ଏକ ବାଲ୍ୟବିବାହ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ଏ ନେଇ ମହୁଲପାଲି ଥାନାରେ ଲେଖାପଢ଼ା ହୋଇଛି । ସୋମବାର ବନ୍ଧକାନୀ ଗାଁରେ ଜଣେ ନାବାଳିକାଙ୍କ ବିବାହ ଚାଲିଥିବା ଚାଇଲ୍ଡ ଲାଇନକୁ ଖବର ମିଳିଥିଲା। ଖବର ପାଇବା ପରେ ଚାଇଲ୍ଡ ଲାଇନ କର୍ମକର୍ତ୍ତା ତୁରନ୍ତ ଗାଁରେ ପହଞ୍ଚି ବିବାହ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ। ସିଡିପିଓ ମେହରୁନ ନିଶାବେଗମ, ସୁପରଭାଇଜର ଲିଲି ଚୌଧୁରୀ, ଚାଇଲ୍ଡ ଲାଇନ କର୍ମକର୍ତ୍ତା ନମାମି ହେମ୍ବ୍ରମ ନାବାଳିକାଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ପ୍ରମାଣପତ୍ରରୁ ତାଙ୍କ ବୟସ ୧୪ବର୍ଷ ୧ମାସ ହୋଇଥିବା ଜଣାପଡ଼ିବା ପରେ ଏହି ବିବାହ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। ଏହା ପରେ ସିଡିପିଓ, ସୁପରଭାଇଜର ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଉଭୟ ପକ୍ଷର ଲୋକଙ୍କୁ ଧରି ମହୁଲପାଲି ଥାନାରେ ପହଞ୍ଚିଥିଲେ। ନାବାଳିକାଙ୍କ ବିବାହ ଯୋଗ୍ୟ ବୟସ ହୋଇ ନ ଥିବାରୁ ବିବାହ ନ କରିବାକୁ ବରପକ୍ଷ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଅନ୍ୟପକ୍ଷେ ନାବାଳିକାଙ୍କ ପରିବାରକୁ ମଧ୍ୟ ପ୍ରାପ୍ତବୟସ୍କ ନ ହେବା ପର୍ଯ୍ୟନ୍ତ ବିବାହ ନ କରାଇବା ପାଇଁ ପରାମର୍ଶ ଦିଆଯାଇଛି।

# ୧୨ ଡାକ୍ତରଙ୍କ ରିଲିଭ୍ ପାଇଁ ସ୍ୱୀକୃତି

## ଭିମ୍‌ସାରର ୨୨ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା

ସମ୍ବଲପୁର,୨୯।୭(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମ୍‌ସାରରେ ବହୁଦିନ ଧରି ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ହେବ। ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରୁଥିବା ୧୨ ଜଣ ଡାକ୍ତରଙ୍କୁ ରିଲିଭ୍ କରାଯାଇଛି । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୯୮୬୮୧ରେ ଭିମ୍‌ସାରକୁ ଚିଠି କରି ଅବଗତ କରାଯାଇଛି । ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରେ ଦୀପ୍ତିମୟୀ ପ୍ରଧାନ, ଡାକ୍ତର ନିର୍ଲିପ୍ତ ବେହେରା, ଡାକ୍ତର ପର୍ଶୁରାମ ନାୟକ, ଡାକ୍ତର ରବି ନାରାୟଣ ଗୁରୁ, ଡାକ୍ତର ନଗେନ୍ଦ୍ର କୁମାର ରାଜସାମନ୍ତ, ଡାକ୍ତର ଅବିନାଶ ମହାପାତ୍ର, ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର, ଡାକ୍ତର ସୁଧାଂଶୁ ଶେଖର ନାଥ, ଡାକ୍ତର ନୀଳମାଧବ ପଣ୍ଡା, ଡାକ୍ତର ଶୈଳେନ କୁମାର ମିଶ୍ର, ଡାକ୍ତର ଇତିଶ୍ରୀ ପୃଷ୍ଟି, ଡାକ୍ତର କୌଶିକ ପରାସର ପାତ୍ରଙ୍କ ନାମ ରହିଛି। ଏହି ଡାକ୍ତରମାନେ ଏବେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କାର୍ଯ୍ୟରତ ଅଛନ୍ତି। ଏହି ୧୨ ଜଣ ଡାକ୍ତରଙ୍କ ରିଲିଭ ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ସ୍ୱୀକୃତି ମିଳିଛି। ଫଳରେ ଏମାନେ ଆସି ଭିମ୍‌ସାରରେ ଯୋଗ ଦେବେ।

ସୂଚନାଯୋଗ୍ୟ ଯେ, ଭିମ୍‌ସାର ପକ୍ଷରୁ ରାଜ୍ୟ ତଥା ରାଜ୍ୟ ବାହାରେ କାମ କରୁଥିବା ୯ ଜଣ ଡାକ୍ତରଙ୍କୁ ସିଧା ସଳଖ ପଦୋନ୍ନତି ଦେଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଭିମ୍‌ସାର ଚିଠି ନଂ ୩୦୪/୧୯ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପଦ ପୂରଣ ନେଇ ଅବଗତ କରାଯାଇଥିଲା। ବିଭିନ୍ନ ସରକାରୀ ଡାକ୍ତରଖାନରେ କାମ କରୁଥିବା ଏହି ୧୨ଜଣ ଡାକ୍ତରଙ୍କୁ ରିଲିଭ କରିବା ପାଇଁ ଅନୁରୋଧ କରାଯାଇଥିଲା । ଜଣେ ପ୍ରଫେସର ଓ ଜଣେ ସହକାରୀ ପ୍ରଫେସରଙ୍କ ସହ ୨୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଜୁଲାଇ ୧୦ ତାରିଖ ଭିମ୍‌ସାର ଗସ୍ତରେ ଆସିଥିଲେ। ସେ ସମୟରେ ପ୍ରଫେସର ପଦ ଖାଲି ପଡିଥିବା ନେଇ ଅଭିଯୋଗ ହୋଇଥିଲା । ଭିମ୍‌ସାର ପକ୍ଷରୁ ବିଜ୍ଞାପନ ହୋଇ ପ୍ରକ୍ରିୟା ହୋଇଛି ହେଲେ ପଦ ପୂରଣ କରାଯାଉ ନାହିଁ ବୋଲି ସାଧାରଣ ଲୋକ ଅଭିଯୋଗ କରିଥିଲେ । ଏହି ସମୟରେ ମନ୍ତ୍ରୀ ଦାସ ଏକ ମାସ ଭିତରେ ଏହି ପ୍ରକ୍ରିୟା ଶେଷ କରି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏବେ ଭିମ୍‌ସାରର ଆହୁରି ଅନେକ ପଦ ପଦ ଖାଲି ପଡିଛି । ସେଗୁଡିକ ମଧ୍ୟ ଶୀଘ୍ର ପୂରଣ କରାଯାଉ ବୋଲି ଦାବି ହେଉଛି।



ସମ୍ବଲପୁର ରେଳ ଷ୍ଟେଶନଠାରେ ସୋମବାର ସନ୍ଧ୍ୟାରେ ହଜ୍ ଯାତ୍ରୀଙ୍କୁ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

## ସୁନାଚେନ୍ ଲୁଟି ନେଲେ

ବରଗଡ଼ ଅଫିସ୍,୨୯।୭: ବରଗଡ଼ କଲେଜ ରୋଡ୍‌ରେ ସୋମବାର ଦିନ ଦ୍ୱିପ୍ରହରରେ ସୁନାଚେନ୍ ଲୁଟ୍ ହୋଇଛି। କଲେଜ ରୋଡ୍ ନିବାସୀ ରୀତା ମିଶ୍ର ଏକ ଦୋକାନରେ ସାମଗ୍ରୀ କିଣିବାକୁ ଆସିଥିଲେ । ଏହି ସମୟରେ ଜଣେ ଅଭିଯୁକ୍ତ ତାଙ୍କ ବେକରୁ ସୁନାଚେନ୍ ନେଇ କିଛି ଦୂରରେ ବାଇକ୍‌ରେ ହେଲମେଟ୍ ପିନ୍ଧି ଛିଡା ହୋଇଥିବା ଅନ୍ୟ ଜଣଙ୍କ ସହିତ ଭଟଲି ଛକ ପଟକୁ ଫେରାର୍ ହୋଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଆରମ୍ଭ କରିଛି ।

## କ୍ଷେତରାଜପୁର ଓଭରବ୍ରିଜ ନିର୍ମାଣ କାମ ପରିଦର୍ଶନ କଲେ ଡିଆରଏମ୍



ସମ୍ବଲପୁର କ୍ଷେତରାଜପୁରଠାରେ ଓଭରବ୍ରିଜ କାମ ପରିଦର୍ଶନ କରି ଡିଆରଏମ୍ ଆଲୋଚନା କରୁଛନ୍ତି ।

ସମ୍ବଲପୁର,୨୯।୭(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ଲେବଲକ୍ରସିଂ ଠାରେ ଓଭର ବ୍ରିଜ କାମ ଚାଲୁଛି । ସୋମବାର ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ନିର୍ମାଣ ସ୍ଥାନକୁ ପରିଦର୍ଶନ କରିଛନ୍ତି। ପୂର୍ବତଟ ରେଳବାଇ ନିର୍ମାଣ ମୁଖ୍ୟ ଇଂ. ଏ.ଏସ. ଓବରାୟଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ବରଗଡ଼ ଅଫିସ୍,୨୯।୭

ବରଗଡ଼ ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ଝାରଗୁଡ଼ିରେ ସୋମବାର ଅପରାହ୍ନ ୪ଟାରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଝାରଗୁଡ଼ିର ଶତ୍ରୁଘ୍ନ ବରିହା(୨୨)। ସେ ଘରେ ବିଦ୍ୟୁତ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

# ଏନ୍‌ଏସ୍‌ସିବି କଲେଜରେ ନବାଗତଙ୍କୁ ସ୍ୱାଗତ

ସମ୍ବଲପୁର, ୨୯।୭ (ବ୍ୟୁରୋ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନଏସସିବି) କଲେଜରେ ସୋମବାର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଇଂରାଜୀ ବିଭାଗୀୟ ମୁଖ୍ୟ ଡ. ରବୀନ୍ଦ୍ର କୁମାର ପାଣିଗ୍ରହୀ ଛାତ୍ର ଜୀବନରେ ଶୃଙ୍ଖଳା ଜ୍ଞାନ ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ ରଞ୍ଜନ ବେହେରା, ସୁରେଶ ଏକ୍କା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଅଧ୍ୟାପିକା ମିଲି ସାହୁ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ବିଜ୍ଞାନରେ ସର୍ବାଧିକ ନମ୍ବର ରଖିଥିବା ଶୁଭ୍ରାଂଶୁ ଶେଖର ସରାଫ, ବାଣିଜ୍ୟର କେ ଦୟାସାଗର ରେଡ୍ଡି ଓ କଳା ବିଭାଗର ମହେନ୍ଦ୍ର କୁମାର ସୁନାଙ୍କୁ ମାନପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ବୀରସେନ ଦଲାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ସୋମବାର ସମ୍ବଲପୁର ଏନଏସସିବି କଲେଜରେ ସ୍ୱାଗତ ଉତ୍ସବରେ ଛାତ୍ରୀଛାତ୍ର ଅଧ୍ୟାପିକା,ଅଧ୍ୟାପକମାନେ ।

## ମେଘପାଲଠାରେ ଡାକଘର ଉଦ୍‌ଘାଟିତ



ମେଘପାଳରେ ଡାକ ଘର ଉଦଘାଟନ ଅବସରରେ ଅତିଥିମାନେ ଜଣେ ଗ୍ରାହକଙ୍କୁ ନୂଆ ଖାତା ଦେଉଛନ୍ତି।

ପଡିଆହାଲ,୨୯।୭(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ମେଘପାଲଠାରେ ସୋମବାର ଏକ ଶାଖା ଡାକଘର ଉଦ୍‌ଘାଟିତ ହୋଇଛି। ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲ ଲଲିତେନ୍ଦୁ ପ୍ରଧାନଙ୍କ ଉପସ୍ଥିତିରେ ଏହି ଡାକ ଘରକୁ ସ୍ଥାନୀୟ ସରପଞ୍ଚ ମମତା ପଧାନ ଫିତା କାଟି ଉଦଘଶଟନ କରିଥିଲେ। ସହକାରୀ ଅଧୀକ୍ଷକ ପ୍ରଭାକର ସୋରେଙ୍ଗ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭି.ଅମରିଷ, ରାଜାରାମ ଷଡ଼ଙ୍ଗୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସୁଜିତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀଙ୍କ ସ୍ୱାଭିମାନ, ସମ୍ମାନ ରକ୍ଷା କରିବାକୁ ଦାବି

ସମ୍ବଲପୁର,୨୯ ।୭(ବ୍ୟୁରୋ)

ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ବରଗଡ ଜିଲାର ବିଭିନ୍ନ ଆଦିବାସୀ ସଂଗଠନର କର୍ମକର୍ତ୍ତାମାନେ ସୋମବାର ଭେଟିଛନ୍ତି। ସେମାନେ ତାଙ୍କର ସ୍ୱାଭିମାନ ଓ ସମ୍ମାନ ସୁରକ୍ଷା ପାଇଁ ଦାବି କରିଛନ୍ତି । ଆଦିବାସୀମାନଙ୍କୁ ବ୍ୟବସାୟ, ଚାକିରି ଆଦି ସବୁଥିରେ ନିର୍ଯାତନା ଦିଆଯାଉଛି। ବିଗତ ଦିନରେ ଏହାର ଉଦାହରଣ ମଧ୍ୟ ରହିଛି । ଯେପରିକି ବରଗଡ ଜିଲା ସଦର ଥାନା ଅଧିକାରୀ କଲ୍ୟାଣୀ ବେହେରାଙ୍କୁ ଜଣେ ଓକିଲ ଗାଳିଗୁଲଜ କରିଥିଲେ । ହେଲେ ଆଦିବାସୀ ଶ୍ରେଣୀର ହୋଇଥିବାରୁ ମହିଳା ଅଧିକାରୀଙ୍କୁ ବଦଳି କରାଗଲା। ହେଲେ ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ସେହିପରି ଅତାବିରା କଲେଜର ଅଧ୍ୟାପକ ମଦନ ମେହେରଙ୍କୁ ଗାଳିଗୁଲଜ ହେବା ନେଇ ଅଭିଯୋଗ ହୋଇଥିଲା । ହେଲେ ପୋଲିସ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଜଣେ ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ନେଇ ମେଲଛାମୁଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଏମାନେ ଡିଆଇଜିଙ୍କୁ ଜଣାଇଛନ୍ତି।



ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଡିଆଜି ଅଫିସ ସମ୍ମୁଖରେ ଆଦିବାସୀ ସଂଗଠନ ସଦସ୍ୟ ।

## ଚାଲିଛି ବେଆଇନ ମୋରମ ଉତ୍ତୋଳନ

ଲଖନପୁର,୨୯।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ କୁମ୍ଭାରବନ୍ଧ ଆର୍‌ଆଇ ସର୍କଲ ଅଧୀନ ବିଶ୍ୱାଳଡେରା ଗ୍ରାମ ନିକଟରୁ ମାସେ ହେଲାଣି ଚାଲିଛି ବେଆଇନ ମୋରମ ଉତ୍ତୋଳନ। ଜେସିବି ଓ ହାଇୱା ସାହାଯ୍ୟରେ ମୋରମ ଉଠାଯାଇ ରେଙ୍ଗାଲି ଡେମ୍ପରୀପଡ଼ା ରାସ୍ତା ପାର୍ଶ୍ୱରେ ଫିଲିଂ ହେଉଛି। ହେଲେ ଏଥିପ୍ରତି ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ମୋରମ ଫିଲିଂ ହେଉଥିବା ସ୍ଥାନରୁ ଅଧ କିଲୋମିଟର ଦୂରରେ ରହିଛି କୁମ୍ଭାରବନ୍ଧ ଆର୍‌ଆଇ ଅଫିସ। ଏହି ରାସ୍ତାଦେଇ ଶହଶହ ମୋରମ ବୋଝେଇ ହାଇୱା ଯାତାୟାତ କରୁଛି। ଉକ୍ତ ରାସ୍ତାରେ ଖୋଦ ଆର୍‌ଆଇ ଓ ରାଜସ୍ୱ ବିଭାଗ କର୍ମଚାରୀ ମଧ୍ୟ ଯାତାୟାତ କରୁଛନ୍ତି। କିନ୍ତୁ ବେଆଇନ ମୋରମ ଚାଲାଣ ଉପରେ ଅଧିକାରୀମାନଙ୍କ ନଜର କିପରି ପଡୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳରେ ଏଭଳି ଅନେକ ସ୍ଥାନରୁ ଲଘୁ ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ହେଉଛି। ଏହାଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଛି। ଏ ନେଇ ସ୍ଥାନୀୟ ଲୋକେ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।

### ଖର୍ସନମାଳ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

## ମାଳତୀ ନଦୀରେ ଉଠା ଜଳସେଚନ ପଏଣ୍ଟ ନିର୍ମାଣ ଦାବି

ସମ୍ବଲପୁର,୨୯ ।୭(ବ୍ୟୁରୋ)

ସମ୍ବଲପୁର ଜିଲା ଜମନକିରା ପଞ୍ଚାୟତ ଖର୍ସନମାଳ ଗ୍ରାମବାସୀ ସୋମବାର ଜିଲା ପ୍ରଶାସନ ପାଖରେ ଦ୍ୱାରସ୍ଥ ହୋଇଛନ୍ତି। ମାଳତୀ ନଦୀରେ ଏକ ମେଘା ଲିଫ୍ଟ ପଏଣ୍ଟ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି । ଖର୍ସନମାଳ ପଞ୍ଚାୟତ ଅଣ ଜଳସେଚିତ ଅଞ୍ଚଳ। ବର୍ଷାପାଣି ଭରସାରେ ଚାଷ ହୋଇଥାଏ । ହେଲେ ବର୍ଷା ଅଭାବରୁ ପ୍ରତିବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥାଏ । ଚାଷୀମାନେ କ୍ଷତି ସହନ୍ତି। ପନି ପରିବା ମଧ୍ୟ ନଷ୍ଟ ହୋଇ ଯାଉଛି । ଏହି ପଞ୍ଚାୟତର କେତେକ ଗ୍ରାମ ଦେଇ ମାଳତୀ ନଦୀ ପ୍ରବାହିତ ହେଉଛି । ବର୍ଷାଦିନେ ପାଣି ଅଯଥାରେ ଅପଚୟ ହୋଇ ମହାନଦୀରେ ମିଶି ଯାଉଛି । ତେଣୁ ଏକ ଚେକ୍‌ଡ୍ୟାମ ନିର୍ମାଣ କରି ଉଠା ଜଳ ସେଚନ ମାଧ୍ୟମରେ ପାଣି ଯୋଗାଇ ଦେଲ ଚାଷୀମାନେ ଲାଭ ପାଇବେ। ଖରିଫ ସହିତ ରବିଋତୁରେ ମଧ୍ୟ ଧାନ ଓ ପନି ପରିବା ଚାଷ ହେବ । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଥିଲେ । ଏହା ସହ ଚଳିତ ଖରିଫ ଋତୁରେ ବର୍ଷା ଅଭାବରୁ ଚାଷ ହୋଇ ପାରୁନାହିଁ । ବୁଣା ଧାନ କରିଥିବା ଚାଷୀମାନଙ୍କ ଫସଲ ନଷ୍ଟ ହୋଇଯାଇଛି । ତେଣୁ ମରୁଡି ଘୋଷଣା କରାଯାଉ ବୋଲି ସୁଗ୍ରୀବ ସାହୁ, ସରୋଜ ବାଙ୍କ, ରାଜ କିଶୋର ପଣ୍ଡା, ପ୍ରଦୀପ କୁମାର ମିର୍ଦ୍ଧା, ଡାକ୍ତର ପ୍ରଧାନ, ରମେଶ ପ୍ରଧାନ ପ୍ରମୁଖ ଅନୁରୋଧ କରିଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଖର୍ସନମାଳ ଗ୍ରାମବାସୀ ।

## ଫଟୋରେ ଖବର








ସୋମବାର ସମ୍ବଲପୁର ମିଳିତ ନିଶା ନିବାରଣ ମିଳିତ ମଞ୍ଚର କର୍ମକର୍ତ୍ତା ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି (ବାମ)। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନୂତନ ଅନୁଦାନ ପ୍ରଦାନ ଦାବିରେ ସୋମବାର କୁଳସଚିବ ସତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିବା ଅବସରରେ(ମଝି)। ବୁର୍ଲା ଲାୟନ୍ସ କ୍ଲବ, ସମ୍ବଲପୁର କେନ୍ଦ୍ରୀୟ ଲାୟନ୍ସ କ୍ଲବ ଏବଂ ହୀରାକୁଦ ପରିବାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୁଗ୍ମ ସ୍ଥାପନା ଦିବସାରେ ଅତିଥି ଓ କର୍ମକର୍ତ୍ତା ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଭଡା ଟଙ୍କା ମାଗିବାରୁ ବସ୍ ମାଲିକଙ୍କୁ ମାଡ଼

ସମ୍ବଲପୁର,୨୯।୭(ବ୍ୟୁରୋ): ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପ୍ରଧାନପଡା ଛକ ନିକଟରେ ସୋମବାର ନରେଶ ମିଶ୍ର ନାମକ ଜଣେ ବସ ମାଲିକଙ୍କୁ ଦୁର୍ବୃତ୍ତମାନେ ମାଡପିଟ କରିଛନ୍ତି। ଏ ନେଇ ନରେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୋଗ କ୍ରମେ ନରେଶଙ୍କ ବସ୍ ଜଣେ ବ୍ୟକ୍ତି ଭଡା ସୂତ୍ରରେ ନେଇଥିଲେ। ହେଲେ ଭଡା ଟଙ୍କା ମାଗିବାରୁ ସେ ନ ଦେଇ ମାଡପିଟ କରିଥିଲେ।

### କୁଚିଣ୍ଡାରେ ଅଭିଯୋଗ ଶୁଣାଣି

କୁଚିଣ୍ଡା,୨୯।୭(ଡି.ଏନ.ଏ.): କୁଚିଣ୍ଡା ବ୍ଲକ୍ ସଭା ଗୃହରେ ସୋମବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଶୁଭମ ସକସେନା, ଆଡିସନାଲ ଏସ୍‌ପି ଶାନ୍ତନୁ ଦାଶ ଯୋଗଦେଇ ୭୮ଟି ଅଭିଯୋଗ ଶୁଣିଥିଲେ। ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ଉପ ଜିଲାପାଳ ବିଶ୍ୱରଞ୍ଜନ ନାୟକ, ବିଡିଓ ନିଶି ପୁନମ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### କୁକୁଡ଼ା ଫାର୍ମରୁ ଅଜଗର ଉଦ୍ଧାର

ଧମା,୨୯।୭(ଡି.ଏନ.ଏ.): ମାନେଶ୍ୱର ବ୍ଲକ୍ ଅଧୀନ ଲରାସରା ଗାଁର ପ୍ରତ୍ୟୁଷ ପ୍ରଧାନଙ୍କ କୁକୁଡା ଫାର୍ମରୁ ସୋମବାର ଏକ ୧୦ ଫୁଟର ଅଜଗରକୁ ଉଦ୍ଧାର କରାଯାଇଛି। ସକାଳେ ଫାର୍ମ କର୍ମଚାରୀ ଦେଖିଲା ପରେ ଧମା ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ବିଦ୍ୟାଧର ସାହୁ କର୍ମଚାରୀଙ୍କ ସହ ପହଞ୍ଚି ଏହାକୁ ନେଇ ଦେଓଗାଁ-ତବଲୋଇ ଜଙ୍ଗଲରେ ଛାଡି ଦେଇଛନ୍ତି। ସୂଚନାଯୋଗ୍ୟ, ଅଜଗରଟି ଫାର୍ମରୁ ଏକ କୁକୁଡାକୁ ଗିଳି ଦେଇଥିଲା। ହେଲେ ପରେ ତାହାକୁ ବାହାରକୁ ବାହାରି କରି ଦେଇଥିଲା।

### ଢରୋପାଣିରେ ଚାରା ରୋପଣ

ରେଙ୍ଗାଲି,୨୯।୭(ଡି.ଏନ.ଏ.): ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ଓ ଢରୋପାଣି ଗାଁ ଲୋକଙ୍କ ସହଯୋଗରେ ଗାଁ ଶିବ ମନ୍ଦିରରେ ଚାରା ରୋପଣ କରାଯାଇଛି। ପରିଷଦର ସଭାପତି ବସନ୍ତ ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ରମେଶ ବାରିକ, ଅର୍ଜୁନ ସାହୁ, ଶଶିଭୂଷଣ ସାହୁ, ଉଦୟଚନ୍ଦ୍ର ସାହୁ, ବାଳକୃଷ୍ଣ ସାହୁ, ସାଲେଗ୍ରାମ ସାହୁ, ମୁରଲୀଧର ପ୍ରଧାନ ସୁବନଚାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପିଡିଏସ ଡିଲରମାନଙ୍କ ବୈଠକ

ସମ୍ବଲପୁର,୨୯।୭(ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଅଧୀନ ପିଡିଏସ ଡିଲରମାନଙ୍କ ଏକ ବୈଠକ ମାରୱାଡି ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ୟା ଓ ଦାବି ଉପରେ ଆଲୋଚନା କରାଯାଇଥିଲା । ଡିଲରମାନଙ୍କୁ ମାସିକ ବେତନ ଦିଆଯାଉ। ଠିକ ସମୟରେ ପିଡିଏସ ସାମଗ୍ରୀ ଯୋଗାଇ ଦିଆଯାଉ। ଡିଲରଙ୍କ ମୃତ୍ୟୁ ପରେ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ଲାଇସେନ୍ସ ଦିଆଯାଉ । କିରୋସିନ ମୂଲ୍ୟ ବୃଦ୍ଧି ହେବାରୁ ଖାଉଟିମାନଙ୍କୁ ସମସ୍ୟା ହେଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ । ଚାଉଳ ଓ ଗହମକୁ ୫ କେଜିଆ ପକେଟରେ ଭର୍ତ୍ତି କରି ଡିଲରମାନଙ୍କୁ ଦିଆଯାଉ। ଏହିଭଳି ୭ଟି ଦାବି ରହିଛି । ସଭାପତି ଦେବେନ ପତି, ଉପସଭାପତି ବଳଭଦ୍ର ତ୍ରିପାଠୀ, ସଂପାଦକ ଅନୀଲ ଅଗ୍ରୱାଲ, ସହ ସଂପାଦକ ମହମ୍ମଦ ଅନୱର, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଡିଲରମାନେ ଉପସ୍ଥିତ ଥିଲେ।

{ ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ବିଚାରପତିଙ୍କୁ ଅନୁରୋଧ କରି ଫେରାଇ ଦେଲେ ଓକିଲ

ସମ୍ବଲପୁର,୨୯।୭(ବ୍ୟୁରୋ)

ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ଜାରି ରହିଛି । ମାସରେ ଶେଷ ତିନିଦିନ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଅବସରରେ ସୋମବାର କଚେରି ଛକରେ ନାଗରିକ କ୍ରିୟା ଅନୁଷ୍ଠାନ କମିଟି ଓ ଓକିଲମାନେ ଆନ୍ଦୋଳନରେ ବସିଥିଲେ । ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେବାକୁ ଆସୁଥିବା ସମୟରେ ଅଟକାଇ ଥିଲେ। ବିଚାରପତିମାନଙ୍କୁ ଫେରିଯିବାକୁ ଅନୁରୋଧ କରିଥିଲେ । କିଛି ସମୟ ଆଲୋଚନା ପରେ ବିଚାର ପତିମାନେ ଫେରି ଯାଇଥିଲେ । ଏହି ଅବସରରେ କମିଟି ଆବାହକ ଭାଗବତ ପ୍ରସାଦ ନନ୍ଦ, ପ୍ରଫୁଲ୍ଲ କୁମାର ହୋତା, ଶଙ୍କର ପ୍ରସାଦ ପତି, ଡାକ୍ତର ପରେଶ ଦାନୀ, ଅଶୋକ କୁମାର ବିଶି, ଅଶୋକ କୁମାର



କୋର୍ଟକାର୍ଯ୍ୟରେ ଯୋଗ ନ ଦେବାକୁ ଓକିଲମାନେ ବିଚାରପତିଙ୍କୁ ଅନୁରୋଧ କରୁଛନ୍ତି।

ବେରିହା, ନଗେନ୍ଦ୍ର ପାଣିଗ୍ରାହୀ, ସୁରେଖା ସାହୁ, ଶଶି ଭୂଷଣ ତ୍ରିପାଠୀ, ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ଦାବି ନେଇ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ ଜୋର ଦାର କରାଯାଉଛି । ଓକିଲମାନେ ମାମଲା ଶୁଣାଣିକୁ ବାରଣ କରିଛନ୍ତି । କେତେକ ଗୁରୁତ୍ୱପୂର୍ଣ୍ଣ କାମ କରାଯାଉଥିବା ବେଳେ ବାକି ସବୁ ବନ୍ଦ ରହିଛି । ଓକିଲମାନଙ୍କୁ ସହରର ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ସମର୍ଥନ କରୁଛନ୍ତି । ଅଗଷ୍ଟ ୩୦ ତାରିଖ ଭିତରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ଓକିଲ ସଂଘ ସରକାରଙ୍କୁ ଶେଷ ଚେତାବନୀ ଦେଇଛି।

## ରେଢ଼ାଖୋଲରେ ନାଗରିକ ମଞ୍ଚ ସାମିଲ

ରେଢାଖୋଲ,୨୯।୭(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲ ସଂଘ ସମୂହ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ରେଢାଖୋଲ ନାଗରିକ ମଞ୍ଚ ସାମିଲ ହୋଇ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟଦିବସରେ ଆନ୍ଦୋଳନ କରି ଆସୁଛି। ଏହି ପରିପେକ୍ଷିରେ ଚଳିତ ମାସ ମଧ ଶେଷ ୩ ଦିନ କାର୍ଯ୍ୟ ଦିବସରେ ଆନ୍ଦୋଳନକୁ ଓହ୍ଲାଇଛି। ସୋମବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଚାଲିବ। ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଦିନ ୧୦ଟାରୁ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ ବସୁଛନ୍ତି। ସୋମବାର ନାଗରିକ ମଞ୍ଚର କର୍ମକର୍ତ୍ତା ସିଭିଲକୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ ବସିଥିଲେ। ଫଳରେ ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଅଞ୍ଜଳି ମାଛଖଣ୍ଡ ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ଏଥିଯୋଗୁ କୋର୍ଟ କାର୍ଯ୍ୟ ସପୂର୍ଣ୍ଣ ବନ୍ଦ ରହିଥିଲା। ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ପଞ୍ଚାନନ ପୁରୋହିତ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଭାସ୍କର ପ୍ରଧାନ, ସୁରେଶ ମହାକୁଡ, ଲଳିତ ବାହାଦୁର ସିଂ, ଗୌରୀଶଙ୍କର ପାତ୍ରଙ୍କ ସମେତ ବହୁ ନାଗରିକ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟିର ସହମତିରେ ସମ୍ବଲପୁର ଜିଲା ଓକିଲ ସଂଘର ଆହ୍ୱାନ କ୍ରମେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ରେଢାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲି ଆସୁଛି। ଜରୁରି କାର୍ଯ୍ୟ ବ୍ୟତୀତ କୌଣସି ଶୁଣାଣି ହୋଇ ପାରୁନାହିଁ।

## ବର୍ଷା ପାଇଁ କଟଙ୍ଗପାଣିରେ ଇନ୍ଦ୍ରପୂଜା

ଜମନକିରା,୨୯।୭ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କଟଙ୍ଗପାଣି ପଞ୍ଚାୟତରେ ସୋମବାର ବର୍ଷା ପାଇଁ ସ୍ଥାନୀୟ ଭୂତେଲ ଟୁଙ୍ଗରୀଠାରେ ୫ଟି ଗାଁର ଗ୍ରାମବାସୀ ମିଶି ଇନ୍ଦ୍ର ପୂଜା କରିଛନ୍ତି। ଚଳିତ ବର୍ଷ ବର୍ଷା ଅଭାବରୁ ଚାଷ ଜମି ସବୁ ପଡ଼ିଆ ପଡ଼ିଛି। ବହୁ ଜମିରେ ଚାଷ କାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ରୁଆ ବିହୁଡ଼ା କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏଭଳି ସ୍ଥିତିରେ ଚାଷୀମାନେ ହାତରେ ହାତ ବାନ୍ଧି ବସିଛନ୍ତି। କାହାକୁ ଅବା କହିବେ, ଶେଷରେ ଇନ୍ଦ୍ରଙ୍କ ଛଡ଼ା ଅନ୍ୟ କେହି ସହାୟ ହୋଇପାରିବେ ନାହିଁ ବୋଲି ଚିନ୍ତା କରି ପୂଜାର୍ଚ୍ଚନା କରିଛନ୍ତି। ଏଥିପାଇଁ ୫ଟି ଗାଁର ଶହ ଶହ ମହିଳା ଓ ପୁରୁଷ ଭୂତେଲ ଟୁଙ୍ଗରୀଠାରେ ଏକତ୍ରିତ ହୋଇଥିଲେ। କଟଙ୍ଗପାଣି ପଞ୍ଚାୟତ ସମେତ ଫୁଲକୁସମ, ଧାରପଡ଼ା, ଜାଲେଖୋଲ, କରଲିବାହାଲ ପ୍ରମୁଖ ଗାଁରୁ ଲୋକେ ଆସିଥିଲେ। କୃଷ୍ଣଗୁରୁ, କୀର୍ତ୍ତନ ମଣ୍ଡଳୀ, ସଂପ୍ରଦା ଆଦି ପରିବେଷିତ ହୋଇଥିଲା। ପୂଜକ ଭାବେ ରାଣାପ୍ରତାପ ପାଢ଼ୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ଚୈତନ୍ୟ ପଟେଲ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଚୁଡ଼ାମଣୀ ପଟେଲ, ଉପସଭାପତି ପ୍ରଶାନ୍ତ ପଧାନ, ସରପଞ୍ଚ ଚନ୍ଦ୍ରକାନ୍ତ ପଧାନ, ରସାନନ୍ଦ ପଧାନ, କରୁମ ସୁରଜଲିଆ, ଯୋଗେନ୍ଦ୍ର ପଧାନ, ବିଶିକେସନ ବିର, ପରଦେଶୀ ପଧାନ, ଅଶୋକ ପଧାନ, ମିତ୍ରଭାନୁ ରକ୍ସା ପ୍ରମୁଖ ସାମିଲ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

ରେଢାଖୋଲ,୨୯।୭(ଡି.ଏନ.ଏ.)



ସୁମନ୍ତ ପ୍ରଧାନ

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅନ୍ତର୍ଗତ କୋହ୍ଲମଲ୍ଲିଆ ଗ୍ରାମର ଜଣେ ନାବାଳିକାଙ୍କୁ ଏହି ଗ୍ରାମ ନିକଟସ୍ଥ ହେମାମୁରା ଗ୍ରାମର ସୁମନ୍ତ ପ୍ରଧାନ (୨୨)ନାମକ ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ପରେ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ରବିବାର ରାତିରେ କନ୍ଧମାଳ ସଦର ଥାନା ଡେଙ୍ଗୁଲୁ ଗ୍ରାମରୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ରେଢାଖୋଲ ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇ ନ ଥିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ୨୩ ତାରିଖ ଦିନ ରାତି ୯ଟାରେ ରେଢାଖୋଲ ଥାନାରେ ନାବାଳିକା କରିଥିବା ଅଭିଯୋଗ ଅନୁଯାୟୀ ୧୭ ତାରିଖ ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଫୋନ କରି ସେ କାର୍ଯ୍ୟ କରୁଥିବା ବିନିକାକୁ ଆସିବାକୁ କହିଥିଲେ। ନାବାଳିକା ଜଣକ ବିନିକା ପହଞ୍ଚିବା ପରେ ଯୁବକ ଜଣକ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ସେହି ଦିନ ହିଁ ତାଙ୍କୁ ଘରକୁ ଫେରିଯିବାକୁ କହିଥିଲେ। ସଂପୃକ୍ତା ନାବାଳିକା ସମ୍ବଲପୁରକୁ ବସ ଯୋଗେ ଆସିଥିଲେ। ହେଲେ ରେଢାଖୋଲକୁ ବସ୍‌ରେ ଆସି ନ ପାରି ସେ ରେଙ୍ଗାଲି ନିକଟସ୍ଥ ଶାସନରେ ବସରୁ ଓହ୍ଲାଇ ବୁଲୁଥିଲେ। ଶାସନ ପୋଲିସ ସନ୍ଦେହରେ ପଚରା ଉଚୁରା କରିବା ପରେ ଘଟଣା ବିଷୟରେ ଜାଣି ଥିଲା। ସମ୍ବଲପୁର ଶିଶୁ କଲ୍ୟାଣ ସମିତିକୁ ୧୮ ତାରିଖରେ ହସ୍ତାନ୍ତର କରିଥିଲା। ଶିଶୁ କଲ୍ୟାଣ ସମିତି ପକ୍ଷରୁ ନାବାଳିକାଙ୍କ ପରିବାର ବର୍ଗ ସହିତ ଯୋଗାଯୋଗ କରିବା ପରେ ୨୨ ତାରିଖ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ୨୩ ତାରିଖ ନାବାଳିକା ରେଢାଖୋଲ ଚାଇଲ୍ଡ ଲାଇନର କର୍ମକର୍ତ୍ତାଙ୍କ ସହଯୋଗରେ ଆସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୩୭୬ ଓ ପୋକ୍‌ସୋ ଆକ୍ଟର ଧାରା ୪ରେ ଏକ ମାମଲା (ନଂ. ୧୪୭/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତ ସୋନପୁର ଜିଲା ଡୁଙ୍ଗୁରିପାଲି –ରାମପୁରକୁ ସଂଯୋଗ କରୁଥିବା ଏକ ରାସ୍ତା ନିର୍ମାଣ କାଯ୍ୟରେ ନିୟୋଜିତ ଜେସିବିରେ ଡ୍ରାଇଭର ଭାବେ କାମ କରୁଥିଲେ । କନ୍ଧାଗାର୍ଡ–ଠେଙ୍ଗୋନାଳ ଗ୍ରାମ ମଝିରେ ଥିବା ଏକ କ୍ୟାମ୍ପରେ ରହୁଥିଲେ। ଏହି ଘଟଣା ପରେ ଅଭିଯୁକ୍ତ କନ୍ଧମାଳ ସଦର ଥାନାର ଡେଙ୍ଗୁଲୁ ଗ୍ରାମକୁ ଯାଇ ସେଠାରୁ ତାମିଲନାଡୁକୁ ଫେରାର ହେବାକୁ ଟ୍ରେନ୍ ଟିକଟ ମଧ୍ୟ କରିଥିଲେ। ପୋଲିସ ସୂଚନା ପାଇ ରବିବାର ରାତିରେ ଚଢାଉ କରି ଗିରଫ କରିଥିଲା।

## ରାଜ୍ୟପାଳଙ୍କୁ ଭେଟିଲେ ସର୍ବକନିଷ୍ଠ ୱେବ୍ ଡିଜାଇନର ଆୟୁଷ



ରାଜ୍ୟପାଳଙ୍କ ସହ ସର୍ବ କନିଷ୍ଠ ୱେବ୍ ଡିଜାଇନର ଆୟୁଷ ରଞ୍ଜନ ରାଉତ ଓ ତାଙ୍କ ମା, ବାପା ଏବଂ ଭଉଣୀ।

ନାକଟିଦେଉଳ,୨୯।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତର କୁଡ଼ାନଳୀ ଗ୍ରାମର ୧୨ବର୍ଷର ଛାତ୍ର ତଥା ନିଜକୁ ସର୍ବ କନିଷ୍ଠ ୱେବ୍ ଡିଜାଇନର ବୋଲି ଦାବି କରୁଥିବା ଆୟୁଷ ରଞ୍ଜନ ରାଉତ ସୋମବାର ଭୁବନେଶ୍ୱରସ୍ଥିତ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଛନ୍ତି। ଆୟୁଷଙ୍କ ସହ ତାଙ୍କ ସାନ ଭଉଣୀ ଆଦ୍ୟଶା ଓ ମା' ରଶ୍ମିତା ରାଉତ ଏବଂ ବାପା ସରୋଜ ରାଉତ ଉପସ୍ଥିତ ଥିଲେ। ସେ କୌଣସି ବୈଷୟିକ ଶିକ୍ଷାଗତ ଯୋଗ୍ୟତା ନେଇ ନାହାନ୍ତି। ହେଲେ ୱେବ୍ ଡିଜାଇନ କରିପାରୁଛନ୍ତି। ସେ ଆଦ୍ୟାଶା ୱେବ୍ ସଲ୍ୟୁସନ ନାମରେ ନିଜର ଏକ କମ୍ପାନୀ ଖୋଲିବାକୁ ଉଦ୍ୟମ କରିଛନ୍ତି। ଏଥିପାଇଁ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ପଞ୍ଜୀକରଣ ସହିତ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରି ରାଜ୍ୟପାଳଙ୍କୁ ଏକ ପତ୍ର ଲେଖିଥିଲେ। ରାଜଭବନରେ ଏହି ପତ୍ର ପହଞ୍ଚିବା ପରେ ଗତ ୨୭ ତାରିଖରେ ଆୟୁଷଙ୍କ ପାଖକୁ ରାଜଭବନରୁ ଫୋନ୍ ପହଞ୍ଚି ଥିଲା। ରାଜ୍ୟପାଳଙ୍କ ସହ ସାକ୍ଷାତ ପାଇଁ ରାଜଭବନ ପକ୍ଷରୁ ସମୟ ନିଘଣ୍ଟ ସ୍ଥିର ହେବା ପରେ ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଆୟୁଷ ପରିବାର ସହ ରାଜ୍ୟପାଳଙ୍କୁ ସାକ୍ଷାତ କରି ନିଜର କମ୍ପାନୀ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ତେବେ ସାହାଯ୍ୟ କରିବାକୁ ରାଜ୍ୟପାଳ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆୟୁଷ ବର୍ତ୍ତମାନ ଦେବଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି।

## ବାବା ମୁକ୍ତେଶ୍ୱର ଧାମରେ ଜଳଲାଗି କଲେ ଭକ୍ତ

ଜମନକିରା,୨୯।୭( ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ବାବା ମୁକ୍ତେଶ୍ୱର ମନ୍ଦିରରେ ସୋମବାର ବୋଲବମ ଭକ୍ତମାନେ ଜଳଲାଗି କରିଛନ୍ତି। ଭକ୍ତମାନେ ରବିବାର ରାତିରୁ ସୋମବାର ଦିନ ତମାମ ଶିବଙ୍କ ଦର୍ଶନ ଲାଗି ଭିଡ଼ ଜମାଇଥିଲେ। ସମ୍ବଲପୁର ବାବା ମୁକ୍ତେଶ୍ୱର ବ୍ୟବସାୟୀ ସଂଘ, ବାବା ମୁକ୍ତେଶ୍ୱର ପରିଚାଳନା କମିଟି, ଜମନକିରା ବୋଲବମ ସେବା ସମିତି ଓ ପାଖଆଖ ଅଞ୍ଚଳରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ରବିବାରଠାରୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ରାତି ସାରା ଉଜାଗର ରହି ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳା ସହିତ ମନ୍ଦିରରେ ପାଣି ଢାଳି ପାରିବେ ଏବଂ ପ୍ରସାଦ ସେବନ କରିପାରିବେ ସେ ଦିଗରେ ବ୍ୟବସ୍ଥା କରିଥିଲେ। ଏହି ଅବସରରେ କୃଷ୍ଣଗୁରୁ, ସଂକୀର୍ତ୍ତନ, ସଂପ୍ରଦା, ଭଜନ ସମାରୋହ ପରିବେଷିତ ହୋଇଥିଲା। ହାଇସ୍କୁଲର ଛାତ୍ରୀଛାତ୍ରମାନେ ଦିନ ତମାମ ଭକ୍ତଙ୍କ ସେବା କରିଥିବା ବେଳେ ଆଇନ ଶୃଙ୍ଖଳା ଦିଗରେ ଜମନକିରା ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେହିପରି ଫାଶିମାଲ ସ୍ଥିତ ଦେଓଗାଁ ଶିବ ମନ୍ଦିର, ଡିମିରିମୁଣ୍ଡା ପଞ୍ଚାୟତସ୍ଥିତ ଶଗଡ଼େଶ୍ୱର ମନ୍ଦିର, ବଡ଼ରମା ପଞ୍ଚାୟତସ୍ଥିତ ଟନସରା ଶିବ ମନ୍ଦିରରେ ମଧ୍ୟ ବୋଲବମ୍ଵ ଭକ୍ତମାନେ ଜଳଲାଗି କରିଥିଲେ। ସମ୍ବଲପୁରଠାରୁ ଜମନକିରା ରାସ୍ତାର ସ୍ଥାନେ ସ୍ଥାନେ ବହୁ ସ୍ୱେଚ୍ଛା ସେବୀ ସଂଗଠନ ପକ୍ଷରୁ ପ୍ରସାଦ ବଣ୍ଟନ ସହ ସେବା ବ୍ୟବସ୍ଥା କରାଯାଇଥିଲା।

## ଗୁଦୁରାପଡ଼ାରେ ଚେସ୍ ପ୍ରତିଯୋଗିତା




ଗୁଦୁରାପଡ଼ା ଆବାସିକ ବିଦ୍ୟାଳୟ ପରିସରରେ ଚେସ ପ୍ରତିଯୋଗିତାରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

ଜମନକିରା,୨୯।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ଗୁଦୁରାପଡ଼ା ଆବାସିକ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚେସ୍ ବା ଇନ୍‌ଡୋର ଖେଳ ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରୋତ୍ସାହନ ଦେବା ସକାଶେ ଭୋଜପୁର ସୁପର ସିନିୟର ଗ୍ରୁପ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ବିଭାଗରେ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଅଭିଷେକ ବେହେରା ବିଜେତା ହୋଇଥିବା ବେଳେ ଗୁଦୁରାପଡ଼ା ଆବାସିକ ମଧ୍ୟ ଇଂରାଜି ବିଦ୍ୟାଳୟର ପ୍ରବୀଣ ସୋରେନ ଉପବିଜେତା ହୋଇଥିଲେ। ସେହିପରି କନିଷ୍ଠ ବର୍ଗରେ ସେଣ୍ଟ ଥୋମାସ ଇଂରାଜି ବିଦ୍ୟାଳୟର ଚିରାଗ ପଟେଲ ବିଜେତା ଘୋଷିତ ହୋଇଥିବା ବେଳେ ବିଭୂତ ପାଣି ଉପବିଜେତା ହୋଇଥିଲେ। ଏହି ଉପଲକ୍ଷେ ସଭାପତି ତଥା ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡା.ହୃଦାନନ୍ଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ପ୍ରତିଭା ବିକାଶ ଅଭିଯାନର ସୁଗତ ପଟେଲ, ରମାକାନ୍ତ ମହାକୁଳ, ଖବରଦାତା ପ୍ରଭାତ ବେହେରା ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜିତ କମିଟିର ଉପସଭାପତି ସୁଦର୍ଶନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଉଗ୍ରସେନ ରଞ୍ଜିତ, କୈଳାଶ ଗୌଡ଼, କ୍ଷୀରୋଦ କିସାନ, ନରେନ୍ଦ୍ର କିସାନ, ପ୍ରଣବ ବେହେରା, ପ୍ରବୀଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଫଟୋରେ ଖବର








ସୋମବାର ସମ୍ବଲପୁର ବିଜେଡି କର୍ମକର୍ତ୍ତା ହୀରାକୁଦ ଡ୍ୟାମ୍‌କୁ ଯିବା ରାସ୍ତାରେ ଚାରା ରୋପଣ କରିବାକୁ ଯାଉଛନ୍ତି (ବାମ) । ଆଇସିଏସଇ ରାଜ୍ୟ ସ୍ତରୀୟ ସୁଇମିଂ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ତିନି ଜଣ ଛାତ୍ରୀଛାତ୍ରଙ୍କୁ ସୋମବାର ସେଣ୍ଟ ଜୋସେଫ କନଭେଣ୍ଟ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି (ମଝି)। ସମ୍ବଲପୁର ରୋଟାରୀ କ୍ଲବ ୱେଷ୍ଟର ଅଧିଷ୍ଠାନ ଦିବସ ସମାରୋହରେ ଅତିଥିମାନେ କ୍ଲବ୍ ବୁଲେଟନ ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ Sambalpur, Tuesday, July 30 / 2019

## ସଂକ୍ଷେପରେ



### ଡାକ୍ତରଖାନା ଛାତରୁ ଡେଇଁ ରୋଗୀ ଗୁରୁତର

ଦେବଗଡ଼,୨୯।୭(ଡି.ଏନ.ଏ.)- ଦେବଗଡ଼ ମୁଖ୍ୟ ଚିକିତ୍ସାଳୟର ଛାତରୁ ଡେଇଁ ଜଣେ ରୋଗୀ ସୋମବାର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦେବଗଡ଼ ଜିଲା ତାଳବାହାଲି ଗ୍ରାମର ହୃଦାନନ୍ଦ ପ୍ରଧାନ। ମିଳିଥିବା ସୂଚନା ମୁତାବକ, ହୃଦାନନ୍ଦଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା ପରେ ସେ ଏକ ବେଡରେ ଶୋଇଥିଲେ। ହେଲେ ସେ ହଠାତ୍ ବେଡରୁ ଉଠି ହସ୍ପିଟାଲ ଛାତ ଉପରକୁ ଚାଲି ଯାଇଥିଲେ। ପରେ ହୃଦାନନ୍ଦ ଛାତରୁ ଡେଇଁ ପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହୃଦାନନ୍ଦଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ପରିବାର ଲୋକ ପ୍ରକାଶ କରିଛନ୍ତି।

## ■ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ

# ଖଟିଆରେ ବୁହା ହେଲେ ଗର୍ଭବତୀ

**ଜୟପାଟଣା,୨୯।୭(ଡି.ଏନ.ଏ.)**

ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ସୋମବାର ଜଣେ ଗର୍ଭବତୀଙ୍କୁ ବର୍ଷାରେ ୨ କି.ମି. ଖଟିଆରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ଆଣି ସେଠାରୁ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନିଆଯାଇଥିଲା। ଏପରି ଏକ ଅଭାବନୀୟ ଘଟଣା କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ପାଇକକେନ୍ଦୁମୁଣ୍ଡି ପଞ୍ଚାୟତ ନାଗୁପଡାରେ ଦେଖିବାକୁ ମିଳିଛି । ନାଗୁପଡ଼ା ଗ୍ରାମର ରଶ୍ମୀ ନାଏକ (୨୨) ସକାଳେ ଘରୁ ବାହାରୁ ଥିବା ବେଳେ ହଠାତ୍ ମୁହଁମାଡ଼ି ତଳେ ପଡ଼ିଯାଇଥିଲେ। ଏହା ପରେ ୮ ମାସର ଗର୍ଭବତୀ ରଶ୍ମୀଙ୍କୁ ଯନ୍ତ୍ରଣା ହେବାରୁ ଘର ଲୋକେ ଆଶା କର୍ମୀଙ୍କୁ ଖବର ଦେଇଥିଲେ। ଆଶା କର୍ମୀ ସଙ୍ଗୀତା ବେହେରା ୧୦୨ ଆମ୍ବୁଲାନ୍ସକୁ ଖବର ଦେବା ପରେ ଜୟପାଟଣାରୁ ଆମ୍ବୁଲାନ୍ସ ଆସିଥିଲା।



ଗର୍ଭବତୀଙ୍କୁ ୨ କି.ମି. ଖଟିଆରେ ବୋହି ନିଆଯାଉଛି।

କିନ୍ତୁ ରଶ୍ମୀଙ୍କ ଘର ନିକଟକୁ ପହଞ୍ଚି ପାରି ନ ଥିଲା । ଆମ୍ବୁଲାନ୍ସ ନାଗୁପଡ଼ା ଗ୍ରାମର ୨ କି.ମି. ଦୂର କେନାଲ ହିଡ଼ରେ ରହିଥିଲା । ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ନ ପାରିବାରୁ ରଶ୍ମୀଙ୍କୁ ଖଟିଆରେ ବୋହି ୨ କି.ମି. ଦୂର ଆମ୍ବୁଲାନ୍ସ ପାଖକୁ ଅଣାଯାଇଥିଲା । ସେଠାରୁ ଜୟପାଟଣା ଡାକ୍ତରଖାନାକୁ ଅଣାଯିବା ପରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ନାଗପଡ଼ା ଗ୍ରାମରୁ ବାହାରକୁ ଯିବା ପାଇଁ ଛଞ୍ଚାଣଗାଡ଼ ଝରଣା ପ୍ରତିବନ୍ଧକ ସାଜି ଥାଏ। ଏବେ ବର୍ଷା ହେବା ଯୋଗୁ ଛଞ୍ଚାଣଗାଡ଼ ନାଳରେ ଯିବା ଆସିବା ସମ୍ଭବ ହେଉନି। ଛଞ୍ଚାଣଗାଡ଼ ନାଳରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କିମ୍ବା ନିର୍ବାଚିତ ଲୋକପ୍ରତିନିଧି ଶୁଣୁନାହାନ୍ତି। ଏଣୁ ଗ୍ରାମବାସୀ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ଚଳିତ ସାଧାରଣ ନିର୍ବାଚନ ୨୦୧୯ରେ ମଧ ଭୋଟ ବର୍ଜନ କରିଥିଲେ। ହେଲେ ସେମାନଙ୍କ ଦାବି ପୂରଣ ହୋଇ ପାରି ନ ଥିବାରୁ ଆଜି ରଶ୍ମୀଙ୍କୁ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ଯାଏଁ ନେବାକୁ ପଡ଼ିଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଛଞ୍ଚାଣଗାଡ଼ ନାଳରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାଣି ଦେଉଛି ରୋଜଗାର

ନାଁ ତାଙ୍କର ଆନନ୍ଦ ମହାକୁଡ଼ । ବରଗଡ଼ କଲେଜ ରୋଡ୍‌ରେ ତାଙ୍କ ଘର । ପ୍ରତିଦିନ ଦୋକାନ, ହୋଟେଲ ବୁଲି ସେଠାକୁ ପାଣି ଯୋଗାଇବା ହିଁ ତାଙ୍କ ଜୀବିକା। ଏହାଛଡ଼ା ଆନନ୍ଦଙ୍କ ଅନ୍ୟ କୌଣସି ରୋଜଗାର ପନ୍ଥା ନାହିଁ । ଆଉ ପାଣି ଯୋଗାଇ ସେଥିରୁ ଯାହା ରୋଜଗାର କରନ୍ତି, ସେଥିରୁ ସେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି ବୋଲି କୁହନ୍ତି ଆନନ୍ଦ ।



ସାଇକେଲରେ ପାଣି ଯୋଗାଇବାକୁ ବାହାରିଛନ୍ତି ଆନନ୍ଦ ।

**ଦିନକର କାହାଣୀ**

ବରଗଡ଼ ଜିଲା ସୋହେଲା ଥାନା ଗ୍ରୀଞ୍ଜେଲ ନିକଟ ଚକବାହାଲ ଗ୍ରାମର ମୂଳ ବାସିନ୍ଦା ଆନନ୍ଦ ଦୀର୍ଘବର୍ଷ ହେଲା ବରଗଡ଼ ସହରକୁ ଆସି ଘରଭଡ଼ା ନେଇ ରହୁଛନ୍ତି। ଘରେ ତାଙ୍କ ସ୍ତ୍ରୀ, ଝିଅ ରୋଜାଲିନ, ଲିଜା ଓ ପୁଅ ବିଶ୍ୱଜିତ ରହୁଛନ୍ତି। ଗାଁରେ ଜମିବାଡ଼ି ଅଛି, ମାତ୍ର ଏଠାରେ ନିଜର ବୋଲି ସେଭଳି କିଛି ଭୂସମ୍ପତ୍ତି ନାହିଁ। ଫଳରେ ପାଣି ଯୋଗାଇ ସେ ପରିବାର ପୋଷଣ କରି ଆସୁଛନ୍ତି ବୋଲି ଆନନ୍ଦ କୁହନ୍ତି। ସକାଳ ପ୍ରାୟ ସାଢ଼େ ୬ଟାରୁ ସେ ସାଇକେଲ ସହିତ ପାଣି ଭର୍ତ୍ତି କରିବା ପାଇଁ ୬ଟି ପ୍ଲାଷ୍ଟିକ ଡବା(ଜାରକିନ୍) ଧରି ଘରୁ ବାହାରିଥାନ୍ତି । ସହର ରାସ୍ତାପାର୍ଶ୍ୱରେ ଥିବା କୌଣସି ପାନୀଳଜଣ ଯୋଗାଣ ଷ୍ଟାଣ୍ଡପୋଷ୍ଟ, ପ୍ରକଳ୍ପ କିମ୍ବା ନଳକୂଅ ନିକଟକୁ ଯାଇ ସେହି ଡବାରେ ପାଣି ଭର୍ତ୍ତି କରନ୍ତି। ଏହାପରେ ସାଇକେଲ ଯୋଗେ ସେହି ପାଣିଭର୍ତ୍ତି ଡବାକୁ ବିଭିନ୍ନ ଦୋକାନ, ହୋଟେଲରେ ଦେଇଥାନ୍ତି। ମଧ୍ୟାହ୍ନ ୧୨ଟା ସୁଦ୍ଧା ସେ ସେହି କାମ କରି ଘରକୁ ଫେରିଥାନ୍ତି । ତେବେ ଘରୁ କିଛି ନ ଖାଇ ବାହାରିଥିବା ଯୋଗୁ ସେହି ସମୟ ମଧ୍ୟରେ ବାହାରେ ସେ ଚା, ପାଣି କରନ୍ତି । ଅନୁରୂପ ଭାବେ ଅପରାହ୍ନ ୫ଟାରୁ ବାହାରି ପ୍ରାୟ ଘଣ୍ଟାଏ କାଳ ଏଭଳି ପାଣି ବାଣ୍ଟି ସନ୍ଧ୍ୟା ୬ଟାରେ ସେ ଘରକୁ ଫେରିଥାନ୍ତି ।

ଏଭଳି ପାଣି ଯୋଗାଇ ସେ ଦିନକୁ ଶହେ, ଦୁଇଶହ ଟଙ୍କା ରୋଜଗାର କରୁଥିବା ବେଳେ ଖରାଦିନେ ଅନ୍ୟ ଦିନ ଅପେକ୍ଷା ରୋଜଗାର ଟିକିଏ ଅଧିକ ହୁଏ ବୋଲି ସେ କୁହନ୍ତି । ତେବେ ଦୀର୍ଘବର୍ଷ ହେଲା ସେ ବରଗଡ଼ ସହରରେ ରହି ଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କୁ ରାସନ କାର୍ଡ ମିଳିନାହିଁ । ଫଳରେ ସେ ଚାଉଳ, କିରୋସିନ, ଗହମ ଆଦି ବାହାରୁ କିଣୁଛନ୍ତି । ସେହିପରି ଜଣେ ଝିଅ ଶାରୀରିକ ଅକ୍ଷମ । ତାଙ୍କ ଚିକିତ୍ସାରେ ଅର୍ଥ ପ୍ରତିବନ୍ଧକ ସାଜିଛି ବୋଲି ସେ କହିଛନ୍ତି । ତାଙ୍କ ପରିବାରକୁ ରାସନ କାର୍ଡ ମିଳିଲେ ପରିବାର ଗୁଜୁରାଣ ମେଣ୍ଟାଇବା ସହଜ ହୁଅନ୍ତା ଏବଂ ଜିଲା ପ୍ରଶାସନ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କରାଗଲେ, ଝିଅ ସୁସ୍ଥ ହୋଇ ପାରନ୍ତା ବୋଲି ଆନନ୍ଦ କହିଛନ୍ତି ।

-ପ୍ରେମାନନ୍ଦ ଖମାରୀ

# ବାସି ମିଠା ଖାଇ ୫୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ

**ସୋହେଲା,୨୯।୭(ଡି.ଏନ.ଏ)**

ସୋହେଲା ବ୍ଲକ ଡୁମେରପାଲି ପଞ୍ଚାୟତ ଅନ୍ତର୍ଗତ କଠାରପାଲି ଗ୍ରାମରେ ଏକ ଶ୍ରାଦ୍ଧ ଭୋଜିରେ ରହିଯାଇଥିବା ବାସି ମିଠା ଖାଇ ୫୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ସୋହେଲା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

ପ୍ରକାଶ ଯେ, ଶନିବାର ଗ୍ରାମରେ ଜଣେ ମୃତକଙ୍କ ଶ୍ରାଦ୍ଧରେ ଭୋଜି ଥିଲା। ଭୋଜିରେ ସମସ୍ତଙ୍କୁ ମିଠା ପରିବେଷଣ କରାଯାଇଥିଲା। କିନ୍ତୁ କିଛି ମିଠା ବଳକା ରହିଯିବାରୁ ରବିବାର ସେଗୁଡିକୁ ଗ୍ରାମରେ ବଣ୍ଟନ କରାଯାଇଥିଲା । ଏହି ମିଠାକୁ ବିଶେଷ କରି ଅଧିକ ଶିଶୁ ଖାଇ ଦେଇଥିଲେ । ମିଠା ଖାଇବା ପରେ ଶିଶୁମାନଙ୍କ ସମେତ ବହୁ ମହିଳା ପୁରୁଷ ଝାଡାରୋଗରେ ଆକ୍ରାନ୍ତ ହୋଇଥିଲେ । ସୋମବାର ସମସ୍ତଙ୍କୁ ସୋହେଲା ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ସେମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ କ୍ରିଷ୍ଣା ପୋଢ଼(୨), ପଦ୍ମିନୀ ପୋଢ଼(୪୫), ଏଲି ପୋଢ଼(୬) ଓ ଲିପସା ମାଝି(୧୩ମାସ)ଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବରଗଡ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ବିଜେଡି ନେତା ସୁବ୍ରତ ସିଂହ ଡାକ୍ତରଖାନା ଆସି ଆକ୍ରାନ୍ତମାନଙ୍କୁ ଭେଟିଥିଲେ ।

# ପୋଲିସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ



ବଲାଙ୍ଗୀର ଠାରେ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଟମିଣ୍ଟନ ଚାମ୍ପିୟନ୍‌ଶିପ୍‌କୁ ଡିଆଇଜି ସତ୍ୟବ୍ରତ ଭୋଇ ଉଦ୍‌ଘାଟନ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୨୯।୭**

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୩ ଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥିଭାବେ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହି ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌କୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ସିଆରପିଏଫ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ଏସପି କେ. ଶିବା. ସୁବ୍ରମଣି ଓ ଅନ୍ୟ ପୋଲିସ ଅଧିକାରୀ ଯୋଗଦାନ କରିଥିଲେ । ଶାରୀରିକ ସୁସ୍ଥତା ଓ ଭାଇଚାର ପାଇଁ କ୍ରୀଡା ଏକ ବଳିଷ୍ଠ ମାଧ୍ୟମ ବୋଲି ଡିଆଇଜି ଭୋଇ କହିଥିଲେ । ଏହି ଚାମ୍ପିୟନ୍‌ଶିପରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୨୦ଟି ବ୍ୟାଡମିଣ୍ଟନ ଦଳ ଅଂଶଗ୍ରହଣ କରିଛନ୍ତି । ଏହା ସହିତ ଭେଟରାନ୍ ସିଙ୍ଗଲ୍ସ ପ୍ରତିଯୋଗିତା ମଧ୍ୟ ସୋମବାରଠାରୁ ଆରମ୍ଭ ହୋଇଛି । ରିଜର୍ଭ ପୋଲିସ ଇନ୍‌ଡୋର ଷ୍ଟାଡିୟମରେ ଓପନ ସିଙ୍ଗଲ୍ସ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ରାଜେନ୍ଦ୍ର ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଭେଟରାନ୍ ସିଙ୍ଗଲ୍ସ ଆରମ୍ଭ ହୋଇଛି । ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ସୁରୁଲାଲ ମଟାରୀ ରେଫରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର,୨୯।୭(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ଥାନା ଖଡିଆପଡାର ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ କ୍ରମେ ପୋଲିସ ସେହିପଡାର ଅଭିଯୁକ୍ତ ପିଣ୍ଟୁ ଅଲ୍ଲି (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରବିବାର ସନ୍ଧ୍ୟାରେ ହୋଇଥିବା ଅଭିଯୋଗ ଅନୁସାରେ, ଯୁବତୀଙ୍କୁ ଅଭିଯୁକ୍ତ ପିଣ୍ଟୁ ବାରମ୍ବାର ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ। ମନା କଲେ ମଧ ଓଲଟା ଧମକ ଚମକ ଦେଉଥିଲେ। ରବିବାର ମଧ ସେ ଗାଳିଗୁଲଜ କରିବା ସହ କମେଣ୍ଟ ମାରିଥିଲେ।

## ସଡ଼କ ଦୁର୍ଘଟଣାରେ ୨ ମୃତ

**ଲେଫ୍ରିପଡା,୨୯।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅଧୀନ ଉଜ୍ୱଳପୁର ବାଇପାସ୍‌ଠାରେ ଏକ ସଡ଼କ ଦୁର୍ଘଟଣାରେ ରବିବାର ରାତ୍ରିରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉଜ୍ୱଳପୁର ଗ୍ରାମର ପ୍ରଦୀପ ଚୌଧୁରୀ(୧୭) ଏବଂ ନିରଞ୍ଜନ ସା(୧୯)। ମିଳିଥିବା ସୂଚନା ମୁତାବକ, ପ୍ରଦୀପ ଏବଂ ନିରଞ୍ଜନ ରାତ୍ରିରେ ଏକ ବାଇକ୍(ନଂ.ଓଆର-୧୫ଜେ-୩୫୯୮)ରେ ଯାଉଥିବା ବେଳେ ଉଜ୍ୱଳପୁର ବାଇପାସ୍ ନିକଟରେ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଦୀପ ଏବଂ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଲେଫ୍ରିପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଲେଫ୍ରିପଡ଼ା ଥାନା ପୋଲିସ ଏକ ମାମଲା(ନଂ.୮୫/୨୦୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।




# ପ୍ରଥମ ଦିନର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

**ଦେବଗଡ଼,୨୯।୭(ଡି.ଏନ.ଏ.)**

ଚଳିତ ଶିକ୍ଷା ବର୍ଷରେ ଇ-ନାମଲେଖା ପରେ ସୋମବାର ଥିଲା ନୂତନ ଛାତ୍ରୀଛାତ୍ରମାନଙ୍କ କଲେଜର ପ୍ରଥମ ଦିନ। ଏନେଇ କଲେଜ ପରିସର ବେଶ୍ ଗହଳି ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ପ୍ରାୟ ସମସ୍ତ ଛାତ୍ରୀଛାତ୍ର ୟୁନିଫର୍ମ ପରିଧାନ କରି କଲେଜ ଆସିଥିଲେ। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ ତଥା ସମସ୍ତ ସିନିୟର ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇଥିଲେ। ପରେ ଛାତ୍ରୀଛାତ୍ରମାନେ ନିଜ କ୍ଲାସ କରିବା ସହ ଭିନ୍ନ ଅନୁଭୂତି ଲାଭ କରିଥିଲେ। ପ୍ରକାଶଥାଉକି, ୧୯୬୩ରେ ଦେବଗଡ଼ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଇତିମଧ୍ୟରେ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଛି। ହେଲେ କଲେଜ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଫଳରେ ଉନ୍ନତମାନର ଶିକ୍ଷା ନିମନ୍ତେ ଦେବଗଡ଼ ଜିଲାର ଅଭିଭାବକମାନେ ପିଲାମାନଙ୍କୁ ଅନ୍ୟସ୍ଥାନରେ ପଢାଇବା ପାଇଁ ବାଧ୍ୟ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଏବଂ ଜନପ୍ରତିନିଧି ବୃନ୍ଦ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ।




ଦେବଗଡ଼ ମହାବିଦ୍ୟାଳୟ

## ନୂତନ ଛାତ୍ରୀଛାତ୍ରଙ୍କ ମୁହଁରୁ ...


 କବିତା ପ୍ରଧାନ


ପ୍ରୀୟଦର୍ଶନୀ କର


ପ୍ରିୟଙ୍କା ପଣ୍ଡା


ମୋନାଲିଶା ହର


ସୋନୁ ରାଏ


ଶ୍ୱାଶତ ମିଶ୍ର

“ ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଳାଷ ଥାଏ ମାଟ୍ରିକ ପାସ ପରେ କଲେଜରେ କିପରି ପାଠ ପଢି ଉତ୍ତୀର୍ଣ୍ଣ ହେବି। ଦେବଗଡ଼ ମହାବିଦ୍ୟାଳୟରେ ପାଠ ପଢୁଥିବାରୁ ମୁଁ ନିଜକୁ ଗର୍ବ ଅନୁଭବ କରୁଛି। ଆଗାମୀ ଦିନରେ ମୁଁ ମୋର ଲକ୍ଷ୍ୟ ପୂରଣ କରିବି।

**କବିତା ପ୍ରଧାନ, ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ**

“ ସତ କହୁଛି, ପ୍ରଥମେ ଟିକେ ନିଜକୁ ସଂକୋଚ ଲାଗୁଥିଲା। ପରେ ନୂତନ ସାଙ୍ଗସାଥୀଙ୍କ ସହ ମିଶିବା ଏବଂ କ୍ଲାସ କରିବା ଅନୁଭୂତି ବେଶ୍ ନିଆରା। କଲେଜର ପ୍ରଥମ ଦିନ ଖୁସିରେ କଟିଥିଲା।

**ପ୍ରୀୟଦର୍ଶନୀ କର, ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ**

“ କଲେଜରେ ପ୍ରଥମ ଦିନର ପ୍ରଥମ ଅନୁଭୂତି ବର୍ଣ୍ଣନା କରିବା ଅତ୍ୟନ୍ତ ଆନନ୍ଦ ଦାୟକ । ସାଙ୍ଗସାଥୀଙ୍କ ସହ କ୍ଲାସ କରିଥିଲି। କ୍ଲାସ ଶେଷ ପରେ ସାଙ୍ଗ ହୋଇ ସମସ୍ତେ ଚାଟ, ଗୁପଚୁପ ଖାଇଥିଲୁ। ଆଉ କିଏ କ'ଣ କ'ଣ ବିଷୟ ନେଇଛି ସେ ବିଷୟରେ ପଚାରି ବୁଝିଥିଲୁ।

**ପ୍ରିୟଙ୍କା ପଣ୍ଡା- ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀ**

“ କଲେଜରେ ସାର୍, ମ୍ୟାଡମ୍‌ଙ୍କଠାରୁ ଆଶିର୍ବାଦ ନେଲା ପରେ ପ୍ରଥମେ ମୁଁ ମୋ ସାଙ୍ଗମାନଙ୍କ ସହ ପ୍ରଥମ କ୍ଲାସ୍ କରିଥିଲି। ପରେ ସାଙ୍ଗମାନଙ୍କ ସହ କଲେଜ ପରିସର ବୁଲି ଦେଖିଥିଲୁ। କଲେଜର ପ୍ରଥମ ଦିନ ଖୁବ ଭଲ ଥିଲା।

**ମୋନାଲିଶା ହର, ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ**

“ ଆମ ଭବିଷ୍ୟତ ଆମେ ଗଢିବା, ଆମ ମାଟି ଦେଶର ନାଁ ରଖିବା, ଏହି ସଂକଳ୍ପ ନେଇ ମୁଁ ପ୍ରଥମେ କ୍ଲାସ କରିଥିଲି। ପରେ ନୂତନ ସାଙ୍ଗମାନଙ୍କ ସହ ମିଶି ନିଜର ପରିଚୟ ଆଦାନ ପ୍ରଦାନ କରିଥିଲୁ।

**ସୋନୁ ରାଏ, ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର**

“ ମାଟ୍ରିକ ପାସ ପରେ କଲେଜରେ ପାଦ ଦେଇଛି। ହେଲେ ସ୍କୁଲର ପରିବେଶ ସହ କଲେଜ ପରିବେଶ ସମ୍ପୂର୍ଣ୍ଣ ଅଲଗା। ତେଣୁ ଅନୁଭୂତି ଟିକେ ଭିନ୍ନ ରହିଥିଲା।

**ଶ୍ୱାଶତ ମିଶ୍ର, ପ୍ରଥମ ବର୍ଷ ଛାତ୍ର**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଟ୍ରାକ୍ଟର ଓଲଟିଲା, ୨ଶ୍ରମିକ ଗୁରୁତର

**ପୁରୁଣାକଟକ, ୨୯।୭(ଡି.ଏନ.ଏ.):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖଣ୍ଡହତା ଛକରେ ସୋମବାର ସନ୍ଧ୍ୟାରେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ୨ଜଣ ଶ୍ରମିକ ଗୁରୁତର ହୋଇଥିଲେ। ସେମାନେ ହେଲେ ହିନ୍ଦ ଏକ୍କା ଓ ଶ୍ୟାମ ଟିଙ୍ଗା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ଡାକ୍ତରଖାନାକୁ ପଠାଯାଇଛି। ଟ୍ରାକ୍ଟରଟି ଧଳେଶ୍ୱରରୁ ତିଳେଶ୍ୱର ଅଭିମୁଖେ ଆସୁଥିଲା।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ତରଭା, ୨୯।୭(ଡି.ଏନ.ଏ.):** ତରଭା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ସଂଯୁକ୍ତ ଜନଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୀଷା ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ଦେବୀ ପ୍ରସାଦ ଦାସ, ଉପଜିଲାପାଳ ବଳରାମ ମଲ୍ଲିକ, ଡିଏସଏସଓ ଆତ୍ରାଣ ଥାଟି, ତରଭା ବିଡିଓ ନିହାର ରଞ୍ଜନ କହଁର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଏଡିଏମ ଶରତ ଚନ୍ଦ୍ର ପଣ୍ଡା, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଡିଇଓ ପୁଷ୍ପା ମିଞ୍ଜ, ଇସିଡିଆରଡିଏ ଧନଞ୍ଜୟ ଦୋରା, ସିଡିଏମଓ ପି.କେ. ଗୁରୁ ପ୍ରମୁକ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ୧୨୦ ଗୋଟି ଅଭିଯୋଗ ଦାଖଲ ହୋଇଥିଲା।

### ସୁନେତ୍ର, କୃମି ନାଶକ ପ୍ରଶିକ୍ଷଣ ଶିବିର

**ଡୁଙ୍ଗୁରିପାଲି, ୨୯।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସୁନେତ୍ର ଓ କୃମିନାଶକ ଦିବସ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଭାରପ୍ରାପ୍ତ ମେଡିକାଲ ଅଫିସର ଡା.ଆଶିଷ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା,ଏବିଇଓ ଗଞ୍ଜଲୁ ମିର୍ଦ୍ଧା, ବିଆରସି ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିପିଏମ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ବ୍ଲକର ଦୃଷ୍ଟି ବିଜ୍ଞାନଧାରୀ ବିଦ୍ୟାଧର ସାହୁ ଉପସ୍ଥିତ ରହି ସୁନେତ୍ର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଡା.ଆଶିଷ କୁମାର ଗୋୟଲ ସାପ୍ତାହିକ ଲୌହ ବଟିକା ବଣ୍ଟନ ବିଷୟରେ ତାଲିମ ଦେଇଥିଲେ। ଅଶୋକ ମିଶ୍ର ଓ ପିଏଚଇଓ ଶେଷଦେବ ଥନାପତି ଆସନ୍ତା ମାସ ୮ ତ ଓ ୧୬ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ ହେବ ବୋଲି ସୂଚନା ଦେଇଥିଲେ। ଡା. ନବ କିଶୋର ବେହେରା,ଅଜିତ କୁମାର ହୋତାଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ତାଲିମ ନେଇଥିଲେ।

### ଲଘୁଚାପ ବର୍ଷାରେ ଭାଙ୍ଗିଲା ଘର

**ଡୁଙ୍ଗୁରିପାଲି, ୨୯।୭(ଡି.ଏନ.ଏ.):** ଡୁଙ୍ଗୁରିପାଲି ବ୍ଲକ ରାମପୁର ତେଲିଟିକିରା କେନାଲପଡାରେ ଲଘୁଚାପ ବର୍ଷାରେ ଦୁଇଟି ପରିବାର ଘର ଭାଙ୍ଗି ଯାଇଛି। ହେଲେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ରବିବାରଠାରୁ ତୁହାକୁ ତୁହା ବର୍ଷା ହୋଇଥିଲା। ସୋମବାର ସକାଳେ କେନାଲ ପାଣି ହଠାତ ବଢି କେନାଲ ରାସ୍ତାରେ ବସତି ସ୍ଥାପନ କରିଥିବା ଏହି ଦୁଇ ପରିବାରର ଘରକୁ ମାଡି ଯାଇଥିଲା। କ୍ଷତିଗ୍ରସ୍ତ ଡେମ ସାହୁ ଓ ଆଶିଷ ଭରାସାଗରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କାର୍ଯ୍ୟାଦେଶ ମିଳିଛି, ଟଙ୍କା ମିଳୁନି

**ବିନିକା,୨୯।୭(ଡି.ଏନ୍.ଏ.)**

ଆବାସ ଯୋଜନାର କାର୍ଯ୍ୟାଦେଶ ମିଳିଲା। ହିତାଧିକାରୀ ପୁରୁଣା ଘର ଭାଙ୍ଗି ନୂଆ ଘର ନିର୍ମାଣ ଆରମ୍ଭ କଲେ। ଏଥିପାଇଁ ଆବଶ୍ୟକ କାଗଜାତ୍ ସେ ବ୍ଲକ କାର୍ଯ୍ୟାଳୟରେ ଦାଖଲ କଲେ। ହେଲେ ତାଙ୍କ ପାସ୍‌ବୁକ୍‌ରେ ଏହି ବାବଦୀୟ ଅର୍ଥ ଜମା ହେଲାନି। ଏଥିପାଇଁ ପଞ୍ଚାୟତରୁ ବ୍ଲକ ଅଫିସ ଏବଂ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ବି ଜଣାଇଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଏହିଭଳି ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନକଟାମୁଣ୍ଡା ଗାଁରେ। ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଗାଁର ରୋହିତ ପୁଟେଲ। ଆବାସ ଯୋଜନାରେ ଘର ପାଇବା ଯେମିତି ତାଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ଅପରପକ୍ଷରେ ପ୍ରଶାସନର ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରାରେ ଅତିଷ୍ଠ ହୋଇ ଏବେ ସେ କଣ କରିବେ ଚିନ୍ତା କରି ପାରୁ ନାହାନ୍ତି।

୨୦୧୬-୧୭ ଆର୍ଥିକ ବର୍ଷରେ ସାମାଜିକ, ଅର୍ଥନୈତିକ, ଜାତିଗତ ଜନଗଣନା(ଏସଇସିସି)ତାଲିକାଭୁକ୍ତ ରହିଥିବା ନକଟାମୁଣ୍ଡା ଗାଁର ରୋହିତ ପୁଟେଲଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଗୃହ ନିର୍ମାଣ ପ୍ରସ୍ତାବିତ ସମସ୍ତ କାଗଜ ପତ୍ର ଏବଂ ବ୍ୟାଙ୍କ୍ ପାସ୍‌ବୁକ୍ ନକଲ ସେ ବ୍ଲକ୍ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଘର ତିଆରି ପାଇଁ ସେ ଝାଟି ମାଟି ପୁରୁଣା ଘରକୁ ଭାଙ୍ଗି ଦେଲେ। ଚିନ୍ତା କରିଥିଲେ ଘର କାମ ସମ୍ପୂର୍ଣ୍ଣ ହେଲେ ସେଠାରେ ଖୁସିରେ

**୨ବର୍ଷ ହେଲା ଆବାସ ଯୋଜନା ହିତାଧିକାରୀ ବାରଦୁଆର**

ରହିବେ। ହେଲେ ତାଙ୍କ ଜମାଖାତାରେ ପ୍ରଥମ କିସ୍ତି ବାବଦ ୨୦ହଜାର ଟଙ୍କା ଜମା ହେଲାନାହିଁ। ଇତିମଧ୍ୟରେ ଦୁଇବର୍ଷ ବିତି ଯାଇଛି। ଗଜବନ୍ଧ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ତାଙ୍କର ପାସ୍‌ବୁକ ଥିବାବେଳେ ବ୍ଲକ ଅନ୍ତର୍ଗତ ସିଆଳି ଗ୍ରାମର ଜନୈକ ବ୍ୟକ୍ତିଙ୍କ ବ୍ୟାଙ୍କ୍ ଖାତାରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଆବାସ ଯୋଜନା ବାବଦ ଟଙ୍କା ଜମା ହେଉଥିବା ରୋହିତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ନେଇ ସେ ସ୍ଥାନୀୟ ବିଡିଓଙ୍କୁ ଏକାଧିକ ଥର ଜଣାଇଛନ୍ତି। ଗତ ୨ତାରିଖ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ପୂର୍ବଥର ପରି ଏଥର ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଛି। ଜୁଲୁଣ୍ଡା ସରପଞ୍ଚ ସୁଦର୍ଶନ ବେରିହାଙ୍କୁ ପଚାରିବାରୁ ଜୁଲୁଣ୍ଡା ଗ୍ରାମ ପଞ୍ଚାୟତ ଅଧୀନରେ ନକଟାମୁଣ୍ଡା ରହିଥିଲେ ମଧ୍ୟ ପୂର୍ବରୁ ଉକ୍ତ ଗାଁ ମହଦା ପଞ୍ଚାୟତରେ ଥିଲା। ତେଣୁ ଅଭିଯୋଗକାରୀ ମହଦା ପଞ୍ଚାୟତରୁ ପ୍ରଧାନମନ୍ତ୍ରୀ ଆବାସ ପାଇଛନ୍ତି। ମାତ୍ର ରୋହିତଙ୍କ ଗୃହ ନିର୍ମାଣ ବାବଦ ଅର୍ଥରାଶି ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଳି ଗ୍ରାମର ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ଜମା ହେଉଥିବା ବିଷୟରେ ଶୁଣିଛି। ଏହା କିପରି ସମ୍ଭବ ହେଲା ସେ ନେଇ ମୋ ନିକଟରେ ଖବର ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ମହଦା ସରପଞ୍ଚ ସୌଦାମିନୀ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ ମେଡିକାଲ କାର୍ଯ୍ୟରେ ବ୍ୟସ୍ତଥିବା ଦର୍ଶାଇ ଫୋନ କାଟି ଦେଇଥିଲେ। ମହଦା ଗ୍ରାମ ରୋଜଗାର ସେବକ ଈଶ୍ୱର ସେଠଙ୍କୁ ପଚାରିବାରୁ ଅଭିଯୋଗକାରୀଙ୍କ ନାମଧାରୀ ଅନ୍ୟ ଜଣେ ବ୍ୟକ୍ତି ମହଦା ପଞ୍ଚାୟତର ସିଆଳିରେ ଅଛନ୍ତି। ଉକ୍ତ ବ୍ୟକ୍ତିଙ୍କୁ ମଧ୍ୟ ୨୦୧୬ରେ ଆବାସ ଯୋଜନାର କାର୍ଯ୍ୟଦେଶ ମିଳିଥିଲା। ତେବେ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର ନମ୍ବର ଭିନ୍ନ ହୋଇଥିବା ସତ୍ତ୍ୱେ ଅଭିଯୋଗକାରୀ କିପରି ପ୍ରଥମ କିସ୍ତି ଟଙ୍କା ପାଇ ନାହାନ୍ତି ତାହା ତନଖି ପରେ ଜଣାପଡିବ ବୋଲି କହିଛନ୍ତି। ଏହି ପରିସ୍ଥିତିରେ ଯୋଜନା ବାବଦୀୟ ଅର୍ଥ ତୁରନ୍ତ ପ୍ରଦାନ କରି ଅଭିଯୋଗକାରୀଙ୍କୁ ଆବାସ ଯୋଜନାରେ ଘର ନିର୍ମାଣ ଦାବିରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ରାଜସ୍ୱ ନିରୀକ୍ଷକଙ୍କୁ ନିଲମ୍ବନ କଲେ ଜିଲାପାଳ

**ସୋନପୁର,୨୯।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ବୀରମହାରାଜପୁର ତହସିଲ ଅଫିସର ରାଜସ୍ୱ ନିରୀକ୍ଷକ(ଆରଆଇ) ଅରୁଣ କୁମାର ପୁରୋହିତଙ୍କୁ ନିଲମ୍ବିତ କରିଛନ୍ତି। ଆରଆଇ ପୁରୋହିତ ଲାଞ୍ଚ ନେଇ ଗତ ୨୩ ତାରିଖରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେ ଏବେ ବଲାଙ୍ଗୀର ଜିଲା କାରାଗାରରେ ଅଛନ୍ତି। ତାଙ୍କ ନାମରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ.୨୩/୧୯)ରୁଜୁ ହୋଇଛି। ଭିଜିଲାନ୍ସ ବିଭାଗର ରିପୋର୍ଟ ଅନୁଯାୟୀ ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ନିଲମ୍ବିତ ଆରଆଇଙ୍କ ବିରୋଧରେ ଶୀଘ୍ର ଡ୍ରାଫ୍ଟଚାର୍ଜ କରିବା ପାଇଁ ଜିଲାପାଳ ବାନାର୍ଜୀ ବୀରମହାରାଜପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

## କ୍ଲଷ୍ଟରସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

**ଅମରପାଲି,୨୯।୭(ଡ଼ି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର କ୍ଲଷ୍ଟରସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବ ଅମରପାଲି ୟୁପି ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କ୍ଲଷ୍ଟରର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତାରେ କାର୍‌ଗିଲ ଯୁଦ୍ଧ ବିଷୟ ଦିଆଯାଇଥିଲା। ଏଥିରେ ଅମରପାଲି ୟୁପି ସ୍କୁଲର ଅଙ୍କିତା ପଧାନ ପ୍ରଥମ, ଭାଲୁଡୁଙ୍ଗୁରୀ ସ୍କୁଲର ସ୍ୱାଗତିକା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ବହଳପଦର ସ୍କୁଲର ମନିସା ପଧାନ ପ୍ରଥମ, ଗୌଡ଼ଗାଡ଼ ୟୁପି ସ୍କୁଲର ଦିପକ ଭୋଇ ଦ୍ୱିତୀୟ ଓ ଅମରପାଲି ୟୁପି ସ୍କୁଲର ଆରିୟନ ପଧାନ ତୃତୀୟ ବିବେଚିତ ହୋଇଥିଲେ। ସେହିପରି କୁଇଜ୍ ପ୍ରତିଯୋଗିତାରେ ଅମରପାଲି ସ୍କୁଲର ସାଇ ସ୍ୱନ୍ଦନ ବିଶ୍ୱାଳ ପ୍ରଥମ, ଭାଲୁଡୁଙ୍ଗୁରୀ ସ୍କୁଲର କୁନ୍ତୀ ସାହୁ ଦ୍ୱିତୀୟ ଏବଂ ଅମରପାଲି ସ୍କୁଲର ଈପ୍‌ସିତା ଅନନ୍ୟା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଭିନ୍ନ ପ୍ରତିଯୋଗତାରେ ବିଚାରକ ଭାବେ ଅରବିନ୍ଦ ରଣା, ବାଙ୍କବିହାରୀ ମହାକୁର, ନାରାୟଣ ବେହେରା, ବିରୋଦ ଭୋଇ, ନିଦ୍ରାବତୀ ନାୟକ, ତପକିରଣ ସାହୁ, ଧୀରେନ୍ ନାଏକ, ବିଶ୍ୱାମିତ୍ର ପଧାନ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଶୁଭାଶିଷ ମିଶ୍ରଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟ ଅତିଥି ଏବଂ ଅମରପାଲି ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଭାଲୁଡୁଙ୍ଗୁରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାର୍ଗବୀ ଭୋଇ, ମନରଞ୍ଜନ ପୁରୋହିତ ଏବଂ ବହଳପଦର କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ ଜଗଦଲା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳ ଲାଗି କଲେ ହଜାର ହଜାର କାଉଡିଆ

**ସୋନପୁର,୨୯।୭(ନି.ପ୍ର.)**

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ସୁବର୍ଣ୍ଣପୁର ଜିଲାର ବିଭିନ୍ନ ପ୍ରସିଦ୍ଧ ଶୈବ ପୀଠରେ କାଉଡିଆଙ୍କ ପ୍ରବଳ ଭିଡ ହୋଇଥିଲା। ମହାନଦୀ, ତେଲନଦୀ, ଅଙ୍ଗନଦୀ ଓ ସୁକତେଲ ନଦୀରୁ ଜଳ ଆଣି ହଜାରହଜାର କାଉଡିଆ ପ୍ରସିଦ୍ଧ ଶୈବ ପୀଠ ରାମେଶ୍ୱର, ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଂକାର ନାଥ, ପଞ୍ଚରଥ, ସିଦ୍ଧେଶ୍ୱର, ଲୋକନାଥ ଓ ବୈଦ୍ୟନାଥର ସର୍ବପୁରାତନ ଶୈବ ପୀଠ କୋଶଳେଶ୍ୱରଙ୍କୁ ଜଳଲାଗି କରିଛନ୍ତି। ସେହିପରି ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିରରେ କାଉଡିଆଙ୍କ ସମାଗମ ହୋଇଥିଲା। ସେମାନେ ରବିବାର ରାତିରେ ମହାନଦୀର ପାପକ୍ଷୟ ଘାଟରୁ ଜଳ ଆଣି ଶିବାଳୟ ଅଭିମୁଖେ ଯାଇଥିଲେ। ଚରଦା କପିଳେଶ୍ୱର ମନ୍ଦିରରେ ଧାଡିରେ ଛିଡା ହୋଇ ଭକ୍ତମାନେ ଜଳଲାଗି କରିଥିଲେ। ସେହିପରି ପାପକ୍ଷୟ ଘାଟ, ବିନିକା ଗଡଭିତର, ଖଇରମାଲ, ବିଶାଳପାଲି, ଘାଘିଘିଟିଏନ, ସକମା, ଗଡଗଡବାହାଲ ଆଦି ଶିବ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ମଧ୍ୟ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ବର୍ଷା ଯୋଗୁଁ ବୋଲବମ ଭକ୍ତମାନେ ହଇରାଣ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସାନିଟାରି ନାପ୍‌କିନ ବଣ୍ଟନ

**ସୋନପୁର,୨୯।୭(ନି.ପ୍ର.)**

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ଓ ସାନିଟାରି ନାପ୍‌କିନ 'ଖୁସି' ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତନୁ କୁମ୍ଭକାରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୁସି ଯୋଜନା ବିଷୟରେ କହିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ବ୍ୟକ୍ତିଗତ ସ୍ୱଚ୍ଛତା ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ଝିଅମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସୁସ୍ଥ ରହିବା ପାଇଁ ଉତ୍ତମ ଅଭ୍ୟାସ ଉପରେ ଛାତ୍ରୀଙ୍କ ସହ ସେ ଆଲୋଚନା କରିଥିଲେ। ଏହି ଅବସରରେ ସାହୁ ସୂଚନା ଦେଇଥିଲେ ଯେ, ଓଡିଶା ରାଜ୍ୟ ମେଡିକାଲ କର୍ପୋରେଶନ ତାଲିକା ଅନୁଯାୟୀ ଜିଲାର ପ୍ରାୟ ସବୁ ବିଦ୍ୟାଳୟକୁ ସାନିଟାରୀ ନାପ୍‌କିନ ପହଞ୍ଚାଇ ଦିଆଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଣତୀ ସାହୁ ଛାତ୍ରୀମାନଙ୍କୁ ସାନିଟାରୀ ନାପ୍‌କିନର ବ୍ୟବହାର ପ୍ରକ୍ରିୟା ବୁଝାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର ସଭା ପରିଚାଳନା କରିଥିଲା ବେଳେ ସତମାନିନୀ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମୀନତି ବହିଦାର, ଅନିତା ବହିଦାର, ପର୍ଶୁରାମ ମେହେର, ପ୍ରଜ୍ଞା ଦାଶ, ପ୍ରଜ୍ଞା ପରମିତା ମିଶ୍ର, ସୌଦାମିନୀ ଶତପଥୀ, ସ୍ନେହଲତା ପ୍ରଧାନ, ବଦ୍ରୁନ ନିଶା ଓ କଲ୍ୟାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୪୬ ଛାତ୍ରୀ ଅଂଶଗ୍ରହଣ କରିଥିଲେ।





ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଜଣେ ଛାତ୍ରୀଙ୍କୁ ନାପ୍‌କିନ ପ୍ରଦାନ କରୁଛନ୍ତି।

## ନିଯୁକ୍ତି ସୁରକ୍ଷା ଦାବି କଲେ ଏସ୍‌ଆଇଏସ୍ ସୁରକ୍ଷା କର୍ମୀ

**ସୋନପୁର,୨୯।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ଏଟିଏମଗୁଡିକରେ ନିୟୋଜିତ ହୋଇଥିବା ଏସ୍‌ଆଇଏସ୍ ବେସରକାରୀ ସୁରକ୍ଷା କର୍ମୀଙ୍କୁ ତଡାଯାଉଛି। ଏହି ସ୍ଥାନରେ ଟାଇଗର ୪ସିକ୍ୟୁରିଟି ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପୂର୍ବ ସଂସ୍ଥାକୁ ଦାୟିତ୍ୱରୁ ତଡା ଯାଉଥିବା ବେଳେ ସେଠାରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ନୂତନ ସଂସ୍ଥାରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଅଛନ୍ତି। ମାତ୍ର ଏହି ନୂତନ ସଂସ୍ଥା ସେମାନଙ୍କୁ ନିଯୁକ୍ତି ଦେବାକୁ ଅନିଚ୍ଛା ପ୍ରକାଶ କରୁଛି। ତେଣୁ ଜିଲାର ୧୨ଜଣ ଛଟେଇ କର୍ମଚାରୀମାନେ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ମାରକପତ୍ର



ନିଯୁକ୍ତି ହରାଇବା ଆଶଙ୍କାରେ ସୁରକ୍ଷା କର୍ମୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ଗ୍ରହଣ କରିଥିଲେ। ସୁରକ୍ଷା କର୍ମୀଙ୍କ ନିଯୁକ୍ତିକୁ ସୁରକ୍ଷିତ କରିବା ପାଇଁ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ଯେ, ଏସଆଇଏସ ସିକ୍ୟୁରିଟି ସଂସ୍ଥାର ଚୁକ୍ତି ଆସନ୍ତା ୩୧ତାରିଖରେ ଶେଷ ହେବ। ଆସନ୍ତା ୧ ତାରିଖରୁ ନୂତନ ବେସରକାରୀ ସୁରକ୍ଷା ସଂସ୍ଥା ଟାଇଗର ୪ କାର୍ଯ୍ୟ ଆରମ୍ଭ କରିବ। ପୂର୍ବ ସଂସ୍ଥାରେ କାର୍ଯ୍ୟ କରୁଥିବା ସୁରକ୍ଷା କର୍ମୀମାନେ ଗତ ୭ ବର୍ଷ ହେବ ସୋନପୁର, ବିନିକା, ବୀରମହାରାଜପୁର ଓ ଡୁଙ୍ଗୁରିପାଲିସ୍ଥିତ ଏଟିଏମ୍‌ରେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସିଛନ୍ତି। ତେବେ ସଂସ୍ଥା ପରିବର୍ତ୍ତନ ପରେ ଜିଲାର ବିଭିନ୍ନ ଏଟିଏମରେ କାମ କରୁଥିବା ୧୨ ସୁରକ୍ଷା କର୍ମୀ ରୋଜଗାର ଓ ପରିବାର ଭରଣପୋଷଣକୁ ନେଇ ଚିନ୍ତାରେ ପଡି ଯାଇଛନ୍ତି। ଏହି ଘଟଣାରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ସୁରକ୍ଷା କର୍ମୀଭାବେ ପୁନଃ ଅବସ୍ଥାପିତ କରିବାକୁ ନିବେଦନ କରିଛନ୍ତି। ଅତିରିକ୍ତ ଜିଲାପାଳ ପଣ୍ଡା ଏ ସମ୍ପର୍କରେ ବରଗଡସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକଙ୍କ ସହିତ ଫୋନରେ କଥା ହୋଇ ବିହିତ ପଦକ୍ଷେପ ନେବାକୁ କହିଥିଲେ। ସୁରକ୍ଷା କର୍ମୀ ଦେବଦୁର୍ଲଭ ସାହୁ, ଗୁରୁଦେବ କୁମ୍ଭାର, ସେବକ ପଧାନ, ଅନନ୍ତ ସାହୁ, ବିଦ୍ୟାଧର ପଧାନ, ରାଜେଶ ମେହେର, ଯୁଧିଷ୍ଠିର ପୁଟେଲ, ମାଞ୍ଜନ ନାୟକ, ହିରଣ୍ୟ ନାୟକ, ତ୍ରିଗାଂଶୁ ପଧାନ, ସୁଧାଂଶୁ କୁଦେଇ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଏହି ଦାବି ପତ୍ର ପ୍ରଦାନ କରିଥିଲେ।

## ମୁରମୁରି ନାଳ ଉପରେ ୩ଫୁଟ୍ ପାଣି

**ବିନିକା,୨୯।୭(ଡି.ଏନ୍.ଏ)**

ବିନିକା ଅଞ୍ଚଳରେ ରବିବାର ରାତିରୁ ସୋମବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଛି। ଫଳରେ ସିଂଘିଯୁବା -ଖଇରମାଳ ପଡିଆ ପୋଲ ଓ ଆଖିଦାଦର-ଚେରୁପାଲି ମୁରମୁରୀ ନାଳ ଉପରେ ୩ଫୁଟ୍‌ର ପାଣି ପ୍ରବାହିତ ହେଉଛି। ଫଳରେ ଖଇରମାଳ ଗ୍ରାମବାସୀଙ୍କୁ ସିଂଘିଯୁବା ମୁଖ୍ୟରାସ୍ତାକୁ ବାହାରିବା ପାଇଁ ଅଧିକ ୫କିମି ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଆଖିଦାଦର ଗ୍ରାମବାସୀ ମଧ୍ୟ ସମଦଶା ଭୋଗୁଛନ୍ତି। ତେବେ ଖଇରମାଳ ପଡିଆ ନାଳ ପୋଲକୁ ଉଚ୍ଚ କରିବାକୁ ଓ ଆଖିଦାଦର-ଚେରୁପାଲି ବ୍ରିଜ ତଳପଟେ ଆଡିବନ୍ଧ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି।



ବୀରମହାରାଜପୁର-ଅମରପାଲି ରାସ୍ତାର ଭୁଡିଆପାଲିଠାରେ ଘୁଙ୍ଗିନାଳ ଉପରେ ୪ ଫୁଟ ଉଚ୍ଚର ପାଣି ଚାଲିଛି।

## ଘୁଙ୍ଗିନାଳ ଉପରେ ୪ ଫୁଟର ପାଣି

**ବୀରମହାରାଜପୁର, ୨୯।୭ (ଡି.ଏନ.ଏ.)**

ରବିବାର ରାତିରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପାନ୍ତ ଅଞ୍ଚଳର ବିଭିନ୍ନ ଯୋର ଓ ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଅନେକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକର ଭୁଡିଆପାଲି ଓ ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ଉପରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ

**ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ**

ହେଉଛି। ଫଳରେ ବୀରମହାରାଜପୁର-ଅମରପାଲି ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଛାତ୍ରୀଛାତ୍ରମାନେ ଭୁଡିଆପାଲି ଓ ବୀରମହାରାଜପୁର କଲେଜକୁ ଯାଇ ନ ପାରି ଫେରିଆସିଛନ୍ତି। ଉକ୍ତ ରାସ୍ତାଦେଇ ମୁର୍ଷ୍ଣୀରୁ ସମ୍ବଲପୁରକୁ ଯାଉଥିବା ବସ୍ ଓ ସମ୍ବଲପୁରରୁ ମୁର୍ଷ୍ଣୀକୁ ଆସୁଥିବା ବସ୍ ସମେତ ଅନେକ ଗାଡ଼ିମୋଟର ପାଣି ଯୋଗୁ ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ଅସରାଏ ବର୍ଷା ହେଲେ ଏହି ପୋଲ ଉପରେ ପାଣି ଆସି ଯୋଗାଯୋଗ ବିଚ୍ଛିନ୍ନ କରିଥାଏ। ତେଣୁ ପୋଲକୁ ଅଧିକ ଉଚ୍ଚ କରିବାକୁ ଦାବି ହେଉଛି। ଏହା ସହ ଖଣ୍ଡହତା-ବୀରମହାରାଜପୁର ରାସ୍ତାର ଚୌକାଠାରେ ମଧ୍ୟ ଘୁଙ୍ଗିନାଳ ଉପର ଦେଇ ପାଣି ଯାଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉଭୟ ପୋଲରେ ପାଣି ଯାଉ ଥିବାରୁ ଦୁର୍ଜନଚୌଲା, ବହଳପଦର, ଲୁଡୁରପଙ୍କ, ଖଣ୍ଡହତା, ମୁର୍ଷ୍ଣୀ ସମେତ ରେଢ଼ାଖୋଲ ବ୍ଲକର ବୀରମହାରାଜପୁର ଉପରେ ନିର୍ଭର କରୁଥିବା ପ୍ରାୟ ୫-୬ଟି ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ବୀରମହାରାଜପୁର-ରେଢ଼ାଖୋଲ ରାସ୍ତାର ପିତାମହୁଲଠାରେ ବାଉରୀଯୋର ଉପରେ ପାଣି ଚାଲିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।

- ନେତାଜୀ ସୁଭାଷ ବୋଷ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ବରଗଡ଼ ଅଫିସ୍,୨୯।୭: ବରଗଡ଼ ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ଝାରଗୁଡ଼ିରେ ସୋମବାର ଅପରାହ୍ଣ ୪ଟାରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଝାରଗୁଡ଼ିର ଶତ୍ରୁଘ୍ନ ବରିହା(୨୨)। ସେ ଘରେ ବିଦ୍ୟୁତ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

### ପୋଲ ରାସ୍ତା ଉପରେ ବନ୍ୟା ପାଣି ବହୁଛି

ଭେଡ଼େନ,୨୯।୭(ଡ଼ି.ଏନ.ଏ): ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ରବିବାର ରାତି ଏବଂ ସୋମବାର ଦିନସାରା ହୋଇଥିବା ପ୍ରବଳ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ବର୍ଷା ଯୋଗୁ ଚାଷ କାମ ଆଗେଇ ଯିବା ବେଳେ ଅଞ୍ଚଳର ବିଭିନ୍ନ ନଦୀରେ ବନ୍ୟାଜଳ ଆସିଥିବାରୁ ଅନେକ ରପଟାପୋଲ ଉପରେ ପାଣି ପ୍ରବାହିତ ହେଉଛି। ବସେକେଲା-ଗୁରୁପାଲି ରାସ୍ତାରେ ପାଣି ପ୍ରବାହିତ ହେଉଥିବା ବେଳେ ଅଛାଣ୍ଡପାଲି-ପୁଡ଼ାପାଲିରାସ୍ତା, ବରପଦର-ଜାମପାଲି ରାସ୍ତାରେ ପାଣି ଚାଲିଛି। ଖାଉପାଲି ନାଳର, ରେମଣ୍ଡା ଥୁଆପାଲି ରାସ୍ତାର ନାଳରେ ମଧ ବର୍ଷାପାଣି ବହୁଛି। ସେହିପରି ଅନ୍ୟ ରାସ୍ତା ଗୁଡ଼ିକରେ ମଧ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହତ ହୋଇଛି ।

### ଚୋରି ମୋବାଇଲ ଉଦ୍ଧାର, ୨ ଗିରଫ

ବରଗଡ଼ ଅଫିସ୍,୨୯।୭: ବରଗଡ଼ ସଦର ଥାନା ପୋଲିସ ବୀରମାଳ ମଠରୁ ଚୋରି ହୋଇଥିବା ମୋବାଇଲ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନିଲେଶ୍ୱର ଗ୍ରାମର ସୁଶାନ୍ତ ସାହୁ ଓ ସୁଦାମ ସାହୁ । ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ଗତ ୨୬ତାରିଖ ମଠରେ ଭଜନ, କୀର୍ତ୍ତନ ସାରି ଶ୍ରଦ୍ଧାଳୁମାନେ ଶୋଇଥିଲେ । ବିଳମ୍ବିତ ରାତ୍ରିରେ ସେଠାକୁ ପହଞ୍ଚି ଅଭିଯୁକ୍ତମାନେ ଏକ ଦାମିକିଆ ମୋବାଇଲ ଚୋରି କରି ନେଇ ଫେରାର୍ ହୋଇ ଯାଇଥିଲେ । ଏ ନେଇ ଦିଲୀପ ଭୁଏ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୨୧/୧୯) ରୁଜୁ କରି ତନାଘନା ଚଳାଇଥିଲା ।

### ସୁନାଚେନ୍ ଲୁଟି ନେଲେ

ବରଗଡ଼ ଅଫିସ୍,୨୯।୭: ବରଗଡ଼ କଲେଜ ରୋଡ୍‌ରେ ସୋମବାର ଦିନ ଦ୍ୱିପ୍ରହରରେ ସୁନାଚେନ୍ ଲୁଟ୍ ହୋଇଛି। କଲେଜ ରୋଡ୍ ନିବାସୀ ରୀତା ମିଶ୍ର ଏକ ଦୋକାନରେ ସାମଗ୍ରୀ କିଣିବାକୁ ଆସିଥିଲେ । ଏହି ସମୟରେ ଜଣେ ଅଭିଯୁକ୍ତ ତାଙ୍କ ବେକରୁ ସୁନାଚେନ୍ ନେଇ କିଛି ଦୂରରେ ବାଇକ୍‌ରେ ହେଲମେଟ୍ ପିନ୍ଧି ଛିଡା ହୋଇଥିବା ଅନ୍ୟ ଜଣଙ୍କ ସହିତ ଭଟଲି ଛକ ପଟକୁ ଫେରାର୍ ହୋଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଆରମ୍ଭ କରିଛି ।



### ରାସ୍ତା ମଝିରେ ଗାତ, ଯାତାୟାତ ବାଧାପ୍ରାପ୍ତ

ବରଗଡ଼ ଅଫିସ୍,୨୯।୭
ବରଗଡ଼-ବଲାଙ୍ଗୀର ରାସ୍ତାର ନୂଆ ସରସରା ଛକ ନିକଟ ରାସ୍ତା ଉପରେ ଏକ ଗାତ ସୃଷ୍ଟି ହୋଇଛି । ରାସ୍ତାରେ ରହିଥିବା କେନାଲ ବ୍ରିଜରେ ଗାତଟି ହୋଇଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇ ପଡ଼ିଛି । ରବିବାର ବିଳମ୍ବିତ ରାତ୍ରିରୁ ବର୍ଷା ଲାଗି ରହିଥିବାରୁ ଗାତ ସୃଷ୍ଟି ହୋଇଛି । ତେବେ ଗାତର ମରାମତି ହୋଇ ନ ଥିବାରୁ ଆଗକୁ ବର୍ଷା ଲାଗି ରହିଲେ ବ୍ରିଜ ମଧ୍ୟ ଭୁଷୁଡ଼ି ପଡ଼ିବାର ଆଶଙ୍କା ଦେଖାଯାଇଛି ।

# ମଦ ବିରୋଧରେ ତାତିଲେ ମହିଳା

**ବରଗଡ଼ ଅଫିସ୍,୨୯।୭**

ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କୁ ପୁରସ୍କୃତ କରିବାକୁ ଯୋଜନା କରୁଛନ୍ତି। ଅନ୍ୟପଟେ ସାଧାରଣ ଜନତାଙ୍କ ଉପରେ ମଦ କାରବାରର ଯଥେଷ୍ଟ କୁପ୍ରଭାବ ପଡୁଛି। ଏହାସତ୍ତ୍ୱେ ଅବକାରୀ ବିଭାଗ ହାତବାନ୍ଧି ବସିଛି । ଏଭଳି ସ୍ଥଳେ ଗାଁ ଗହଳିର ମହିଳାମାନେ ସଙ୍ଗଠିତ ହୋଇ ମଦ ବିରୋଧୀ ଅଭିଯାନରେ ବାହାରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ସୋମବାର ବରଗଡ଼ ଜିଲା ଅମ୍ବାଭୋନା ଥାନା ଗଣ୍ଡିଆପାଲି ଗ୍ରାମର ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସଙ୍ଗଠିତ ହୋଇ ଜିଲାପାଳ ଅଫିସକୁ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ସେଠାରେ ଉପସ୍ଥିତ ଅବକାରୀ ଅଧିକାରୀ ସେହି ଗ୍ରାମରେ ଚୋରାମଦ କାରବାର ଚଳାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ମହିଳାମାନେ ଗ୍ରାମକୁ ଫେରିଥିଲେ ।

ଦୀର୍ଘଦିନ ହେଲା ଗଣ୍ଡିଆପାଲି ଗ୍ରାମରେ ଚୋରାମଦ କାରବାର ଚାଲିଛି । ଏ ନେଇ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅପରପକ୍ଷେ ଚୋରାମଦ କାରବାର ଯୋଗୁ ଗ୍ରାମର ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ମହିଳାମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ବିଭିନ୍ନ ସମୟରେ ମଦଜନିତ ହିଂସା ଘଟି ଚାଲିଥିବାବେଳ ଛାତ୍ରୀଛାତ୍ର ମଧ୍ୟ ସ୍କୁଲ, କଲେଜ ଯିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି। ଫଳରେ ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟ ନେଇ ଗଣ୍ଡିଆପାଲି ଗ୍ରାମର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଙ୍ଗଠିତ ହୋଇ ଏକ ସଭା କରିଥିଲେ। ସଭାର ନିଷ୍ପତ୍ତିକ୍ରମେ ମହିଳା ସ୍ୱୟଂ ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟାମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ । ଗ୍ରାମର ସରସ୍ୱତୀ, ପାର୍ବତୀ, ସମଲେଶ୍ୱରୀ, ତାରିଣୀ, ଶାରଳା, ମନିଷା, ଲକ୍ଷ୍ମୀ, ଭବାନୀ, ସାଗରୀକା, ନିହାରିକା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ମଦ ବିରୋଧରେ ଜିଲାପାଳ ଅଫିସରେ ଫେରାଦ ହୋଇଥିବା ମହିଳାମାନେ ।

# ଏସକଫ କଫ୍ ସିରପ ଜବତ, ୨ ଗିରଫ

**ସୋହେଲା, ୨୯।୭(ଡି.ଏନ.ଏ)**

ବେଆଇନ ଭାବେ ଏସ୍‌କଫ କଫ ସିରପ କାରବାର କରୁଥିବା ଅଭିଯୋଗରେ ସୋହେଲା ପୋଲିସ ସୋମବାର ୨ଜଣ ଯୁବକଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟକୁ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପାଣିମୋରା ଗ୍ରାମର ଉତ୍ତମ ସରାଫ (୩୨) ଓ ବନାବିରା ଗ୍ରାମର ମୁକେଶ ପଟେଲ (୩୦) । ସେମାନଙ୍କଠାରୁ ୪୯ଟି ଏସକଫ କଫ ସିରପ ବୋତଲ ଜବତ କରାଯାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୨୨/୧୯) ରୁଜୁ ହୋଇଛି।



ଜବତ ସିରପ୍ ଓ ଗିରଫ ଅଭିଯୁକ୍ତ ।

# ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ଝାରଗୁଡ଼ିରେ ସୋମବାର ଅପରାହ୍ଣ ୪ଟାରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ହେଲେ ଝାରଗୁଡ଼ିର ଶତ୍ରୁଘ୍ନ ବରିହା(୨୨) । ସେ ଘରେ ବିଦ୍ୟୁତ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

# ବର୍ଷା ହେଲା, ରୁଆ ବେଉଷଣରେ ଚାଷୀ ବ୍ୟସ୍ତ

**ସୋହେଲା, ୨୯।୭(ଡି.ଏନ.ଏ)**

ସୋହେଲା ବ୍ଲକରେ ଲଘୁଚାପ ଜନିତ ବର୍ଷା ହେଉଥିବାରୁ ଚାଷୀ ମନରେ ହରଷ ଦେଖାଦେଇଛି । ହେଲେ ଡେରିରେ ବର୍ଷା ହେବାରୁ ଅମଳ ସନ୍ତୋଷଜନକ ହେବ ନାହିଁ ବୋଲି ଚାଷୀମନରେ ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ମେ ମାସରେ ମାତ୍ର ୬ ଦିନ ବର୍ଷା ହୋଇଥିବା ବେଳେ ଜୁନ ମାସରେ ୭ଦିନ ହୋଇଥିଲା । ଜୁଲାଇ ୨୭ ତାରିଖ ସୁଦ୍ଧା ୧୪ ଦିନ ବର୍ଷା ହୋଇଛି। ୨୭ ତାରିଖରେ ସର୍ବାଧିକ ୮୦ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଚାଷ କାର୍ଯ୍ୟ ପଛେଇ ଯାଇଥିବାରୁ ଚାଷୀ ଚିନ୍ତିତ ହୋଇ ପଡିଥିଲା। ବର୍ତ୍ତମାନ ସୁଦ୍ଧା ରୁଆ ଓ ବେଉଷଣ ସରିଯିବା କଥା । କିନ୍ତୁ ଅନିୟମିତ ବର୍ଷା ଦାଉ ସାଧିଛି । ଏ ନେଇ ପଦ୍ମପୁର କୃଷକ ବିକାଶ ମଞ୍ଚ ସଭାପତି ଜୟକୃଷ୍ଣ ସାହୁଙ୍କୁ ପଚରାଯିବାରୁ ସେ କହିଥିଲେ ଯେ, ଲଘୁଚାପ ଜନିତ ବର୍ଷା ଯୋଗୁ ଚାଷୀ ଆଶ୍ୱସ୍ତ ହୋଇଛି । ସତ କିନ୍ତୁ ଚଳିତବର୍ଷ ଖରିଫ ଚାଷ ୨୫ ପ୍ରତିଶତରୁ ୪୦ ପ୍ରତିଶତ ନଷ୍ଟ ହୋଇ ସାରିଲାଣି । ଚାଷୀ ଦେଢ଼ମାସ ହେଲା ତାର ବିଲରେ ପହ୍ଳା ପକାଇଥିଲା। ସେସବୁ ବୁଢ଼ା ହୋଇଯାଇଛି । ବୁଣିଥିବା ଧାନ ସବୁ ହଳଦିଆ ହୋଇଯାଇଛି । ବର୍ଷା ହେବାରୁ ଚାଷୀ ବାଧ୍ୟ ହୋଇ ଖର୍ଚ୍ଚ କରି ରୁଆ ବେଉଷଣ କରୁଛି । କିନ୍ତୁ ପୁରା ଆଦାୟ ପାଇବ ନାହିଁ ।



ଚାଷୀମାନେ ଧାନ ରୁଆ ପାଇଁ ଜମିକୁ କାଦୁଅ କରୁଛନ୍ତି ।

# ପାଇକମାଳକୁ ଏନଏସି ଘୋଷଣା ପାଇଁ ଦାବିପତ୍ର ପ୍ରଦାନ

**ପାଇକମାଳ, ୨୯।୭(ଡି.ଏନ.ଏ)**

ପାଇକମାଳକୁ ଏନଏସି ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଶନିବାର ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତ ନୃସିଂହନାଥ ପଶ୍ଚିମ ଓଡିଶାର ଏକ ପ୍ରମୁଖ ତୀର୍ଥସ୍ଥଳୀ । ଏଠାକୁ ଆସିବା ପାଇଁ ରାଉରକେଲାରୁ ସିଧାସଳଖ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହୋଇଛି। ପାଇକମାଳ ଗ୍ରାମ ପଞ୍ଚାୟତର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ହେବ। ୨୦୧୧ ଜନଗଣନା ଅନୁସାରେ ଏଠାରେ ବର୍ତ୍ତମାନ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ତେଣୁ ପାଇକମାଳକୁ ଏନଏସି ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଦାବିପତ୍ର ଦେବା ସମୟରେ ସିଟିଜେନ ଫୋରମର ମନୋଜ କୁମାର ତ୍ରିବେଦୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ରାଜକିଶୋର ସାହୁ, ବିନୋଦ କାଲିଆ, ଯୁଗଳ କିଶୋର ମେହେର, ପ୍ରେମସାଗର ଫୌଜଦାର, ସୁଶାନ୍ତ ନାଗ, ଗୋବର୍ଦ୍ଧନ ଅଗ୍ରୱାଲ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିରାନଦୀ ଫେୟାରୱେଦର ରାସ୍ତାରେ ବନ୍ୟାଜଳ

# ବରଗଡ଼-ଅମ୍ବାପାଲି ବିଚ୍ଛିନ୍ନ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ଓ ଅମ୍ବାପାଲି ମଝିରେ ପ୍ରବାହିତ ଜିରାନଦୀରେ ରବିବାର ବିଳମ୍ବିତ ରାତ୍ରିରୁ ବନ୍ୟା ଜଳସ୍ତର ବଢ଼ିବାରେ ଲାଗିଛି । ଉଭୟ ବରଗଡ଼ ଓ ଅମ୍ବାପାଲି ସଂଯୋଗ କରୁଥିବା ଫେୟାରୱେଦର ରାସ୍ତା ଉପରେ ୩/୪ଫୁଟ୍ ପାଣି ପ୍ରବାହିତ ହେଉଛି । ଫଳରେ ବରଗଡ଼-ଅମ୍ବାପାଲି ବିଚ୍ଛିନ୍ନ ହୋଇ ପଡ଼ିଛି । ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ବହୁ ହଟହଟା ହେବାକୁ ପଡୁଛି। ହଳଦୀପାଲି ଛକ ଦେଇ ଅମ୍ବାପାଲିରୁ ବରଗଡ଼ ସହରକୁ ରାସ୍ତା ଅଛି । ମାତ୍ର ତାହା ପ୍ରାୟ ୪କି.ମି ଦୂର ହେଉଛି । ପ୍ରକାଶଥାଉକି, ବରଗଡ଼ରୁ ଅମ୍ବାପାଲିକୁ ସଂଯୋଗ କରିବା ପାଇଁ ବ୍ରିଟିଶ ଅମଳରୁ ଏକ ପୋଲ ନିର୍ମାଣ କରାଯାଇଥିଲା । ତାହା ବିପଦଶଙ୍କୁଳ ଅବସ୍ଥାକୁ ଆସିଯିବାରୁ ସମ୍ପୃକ୍ତ ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରାଯାଉଛି । ତେବେ ନୂତନ ପୋଲ ନିର୍ମାଣାଧୀନ ଥିବାବେଳେ ଲୋକଙ୍କ ଯାତାୟାତ ପାଇଁ ସେଠାରେ ଏକ ଅସ୍ଥାୟୀ ଫେୟାରୱେଦର ରାସ୍ତା ନିର୍ମିତ ହୋଇଛି । ମାତ୍ର ଫେୟାରୱେଦର ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବା ପରେ ସେହି ରାସ୍ତା ଦେଇ ବରଗଡ଼ରୁ ଅମ୍ବାପାଲିକୁ ଯାତାୟାତ ଠପ୍ ପଡ଼ି ଯାଇଛି ।



ଜୀରାନଦୀ ଫେୟାରୱେଦର ରାସ୍ତା ଉପରେ ବନ୍ୟାଜଳକୁ ଲୋକେ ଦେଖୁଛନ୍ତି ।

# ପୁଷ୍ଟି ଥଇଥାନ କେନ୍ଦ୍ର ଛାତରୁ ଅତଡ଼ା ଖସିଲା

**ଭେଡ଼େନ, ୨୯।୭ (ଡ଼ି.ଏନ.ଏ)**

ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ଗୁଡ଼ିକ ଏବେ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁଷ୍ଟି ଥଇଥାନ କେନ୍ଦ୍ରର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ସୋମବାର ଅପରାହ୍ଣରେ ଏହାର ଛାତରୁ ସିମେଣ୍ଟ ଅତଡ଼ା ଖସି ପଡ଼ିଛି । ତେବେ ସୌଭାଗ୍ୟକୁ ଏହି କେନ୍ଦ୍ରରେ କୌଣସି ଶିଶୁ କିମ୍ବା ମା' ନ ଥିବାରୁ ଏକ ବଡ଼ ବିପଦରୁ ରକ୍ଷା ମିଳିଛି । ଗତ ୨୦୧୩ ଅଗଷ୍ଟ ୧ ତାରିଖରେ ବରଗଡ଼ ଜିଲାର ପ୍ରଥମ ପୁଷ୍ଟିଥଇଥାନ କେନ୍ଦ୍ର ଭେଡ଼େନରେ ଆରମ୍ଭ ହୋଇଥିଲା। ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ, ପ୍ରସୂତି ତଥା ଗର୍ଭବତୀ ମାନଙ୍କୁ ଏହି କେନ୍ଦ୍ରରେ ରଖାଯାଇ ତାଙ୍କ ସ୍ୱାସ୍ଥ୍ୟର ସ୍ୱତନ୍ତ୍ର ଯତ୍ନ ନିଆଯିବାର ବ୍ୟବସ୍ଥା ରହିଛି। ଏକ ପୁରୁଣା କୋଠାରେ ଏହି କେନ୍ଦ୍ର କରାଯାଇଥିବାରୁ ଯେ କୌଣସି ସମୟରେ ଶିଶୁ ଏବଂ ମା' ମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି କୋଠାର ସମସ୍ତ କୋଠରୀ ସମେତ ଅଫିସ କୋଠରୀ ରେ ମଧ ପାଣି ଗଳୁଛି। ଛାତ ଉପରେ ଅନାବନା ଗଛ ମାଡି ଗଲାଣି। ପାଣି ଗଳୁଥିବାରୁ ଛାତ ଉପରେ ପଲିଥିନ ଜରି ଘୋଡ଼ାଇ ରଖାଯାଇଛି । ଗତ ୧୦ ଦିନ ହେଲାଣି କୌଣସି ଶିଶୁ ଏବଂ ମା'ଙ୍କୁ ରେଫର କରାଯାଇ ନ ଥିବାରୁ ଏହି କୋଠାରେ କେହି ନ ଥିଲେ । ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼ .ସୁଶାନ୍ତ କୁମାର କରଙ୍କୁ ପଚାରିବାରୁ ଏହି କୋଠାରେ ପାଣି ଗଳୁଥିବା ସମ୍ପର୍କରେ ଆମେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତିନିଥର ଜଣାଇଲୁଣି। ସିଡ଼ିଏମଓ ଅଫିସରୁ ମଧ ଚିଠି ହୋଇଛି । କିଛି ପଦକ୍ଷେପ ନିଆ ନ ଯିବାରୁ ମୁଁ ନିଜେ ଜରିପାଲ ଆଣି ଛାତ ଉପରେ ଦେବା ପାଇଁ କହିଥିଲି। ଶୀଘ୍ର ଏହି କୋଠାକୁ ବିପଦ ଶଙ୍କୁଳ ଘୋଷଣା କରାଯାଇ ବିକଳ୍ପ ବ୍ୟବସ୍ଥା କରିବାକୁ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ।

# ୪୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ପାଇକମାଳ, ୨୯। ୭(ଡି.ଏନ.ଏ)**

ପାଇକମାଳ ବ୍ଲକ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ୪୬ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥିମଧ୍ୟରେ ୨୮ଟି ବ୍ୟକ୍ତିଗତ ଓ ୧୮ ସାମୂହିକ ଅଭିଯୋଗ ରହିଛି । ତୁରନ୍ତ ଏହାର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଶ୍ରେଣୀ ଗୃହ ଅଭାବ ବିଷୟରେ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିବିରରେ ଉପଜିଲାପାଳ ତନ୍ମୟ ଦରୱାନ, ଏସଡିପିଓ ପ୍ରଦୀପ କୁମାର ସାହୁ, ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପାଇକମାଳ ବିଡିଓ ସଦାଶିବ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଦୀପ ସାହୁ, ପ୍ରକାଶ ଯୋଷୀ, ଅମୂଲ୍ୟ କୁମାର ନନ୍ଦ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିପାଲି ଗ୍ରାମର ୨ଜଣ ଚାଷୀ ବୁଧୁ ମିର୍ଦ୍ଧା ଓ ନବୀନ ମିର୍ଦ୍ଧାଙ୍କ ଅମଳ ଧାନ ୨ ମାସ ତଳେ ନିଆଁରେ ଜଳିପୋଡ଼ି ଛାରଖାର ହୋଇ ଯାଇଥିଲା । ପାଖରେ ରହିଥିବା ଡମ୍ପିଂୟାର୍ଡ଼ର ନିଆଁ ବ୍ୟାପିବାରୁ ସେଭଳି ଘଟଣା ଘଟିଥିଲା ବୋଲି ଉଭୟ ଚାଷୀ ଅଭିଯୋଗ କରିଛନ୍ତି । ଏ ନେଇ ପୂର୍ବରୁ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କିଛି କ୍ଷତିପୂରଣ ମିଳି ପାରି ନ ଥିବା ଯୋଗୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କୁ କ୍ଷତିପୂରଣ ସହାୟତା ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ଦାବି କରି ସୋମବାର ଭାଜପା ନେତା ଉର୍କୁଲୁ ତାଣ୍ଡିଙ୍କ ସହିତ ବୁଧୁ ଏବଂ ନବୀନ ଜିଲାପାଳ ଅଫିସ ଆସିଥିଲେ । ଜିଲାପାଳଙ୍କ ଅନୁପସ୍ଥିତିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।



କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

■ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

# ଜିଲାପାଳଙ୍କୁ ଫେରାଦ ହେଲେ ଭୂମିହୀନ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ରେଳଷ୍ଟେଶନ ନିକଟ ୱାର୍ଡ଼ ନଂ-୧୯ ଶାନ୍ତିପଡ଼ାକୁ ଉଚ୍ଛେଦ ପାଇଁ ରେଳ ବିଭାଗ ନୋଟିସ୍ ଜାରି କରିଛି । ତେବେ ସେହି ପଡ଼ାବାସୀ ଭୂମିହୀନ ହୋଇଥିବାରୁ ଉଚ୍ଛେଦ ପରେ କେଉଁଠାରେ ଆଶ୍ରୟ ନେବେ, ତାକୁ ନେଇ ସେମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଫଳରେ ଉଚ୍ଛେଦ ପୂର୍ବରୁ ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବା ପାଇଁ ପଡ଼ାବାସୀ ଦାବି କରିଛନ୍ତି। ଏ ନେଇ ସୋମବାର ପଡ଼ାବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଇନ୍ଦ୍ରମଣିତ୍ରିପାଠୀଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ପ୍ରାୟ ୩୦ବର୍ଷ ହେଲା, ଶାନ୍ତିପଡ଼ାରେ ୪୫ ପରିବାର ରହି ଆସୁଛନ୍ତି। ସେମାନେ ସମସ୍ତେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଶ୍ରେଣୀର ହୋଇଥିବା ବେଳେ କୁଲି, ମଜୁରୀ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ସେମାନଙ୍କ ପିଲାମାନେ ସ୍ଥାନୀୟ ସରକାରୀ ସ୍କୁଲରେ ପଢୁଛନ୍ତି । ମାତ୍ର ଏବେ ରେଳ ବିଭାଗ ସେମାନଙ୍କୁ ଉଚ୍ଛେଦ ନୋଟିସ ଜାରି କରିଥିବାର ପିଲାଛୁଆଙ୍କୁ ନେଇ ସେମାନେ କେଉଁଠି ଆଶ୍ରୟ ନେବେ, ତାହା ତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ପଡ଼ାବାସୀ କହିଛନ୍ତି । ଅନ୍ୟପଟେ ଜାଗା ମିଶନରେ ସାମିଲ ପାଇଁ ତାଙ୍କ ପଡ଼ାରେ ସର୍ଭେ କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ କେହି ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଫଳରେ ଉଚ୍ଛେଦ ପୂର୍ବରୁ ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବା ପାଇଁ ପଡ଼ାବାସୀ ନିବେଦନ କରିଛନ୍ତି । ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ପଡ଼ାବାସୀ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲାପାଳଙ୍କୁ ଫେରାଦ ହୋଇଥିବା ପଡ଼ାବାସୀ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ପଡ଼ାବାସୀ ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।

- ଶ୍ରୀଚୈତନ୍ୟ

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ସିନାପାଲି,୨୯।୭ (ଡି.ଏନ.ଏ.)-** ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ତୁଳସୀରାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଆଲୋଚନା ହୋଇଥିଲା । ଏଥିରେ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ବାବୁ, ସଙ୍କୁଳ ପ୍ରମୁଖ ଉଦୟନାଥ ପଣ୍ଡା, ସମ୍ପାଦକ ନନ୍ଦକୁମାର ପାତ୍ର, ଶିକ୍ଷାବିଦ ଲମ୍ବୋଦର ମେହେର, ଅଧ୍ୟାପକ ନବୀନଚନ୍ଦ୍ର ମେହେର, ସୁବ୍ରତ ଠାକୁର, ଅରିଗନ ଯୋଷୀ, ସୁବ୍ରତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ୪ ତାରିଖରେ ରୌପ୍ୟ ଜୟନ୍ତୀ ପାଳନ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। କୋଷାଧ୍ୟକ୍ଷ ବୈଷ୍ଣବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗିରିସଚନ୍ଦ୍ର ନାଏକ, ଚନ୍ଦ୍ରଶେଖର ମେହେର, ତରୁଣ ମେହେର, ବାମଦେବ ଦାଶ, ଗୌତମ ମେହେର, ରଞ୍ଜିତା ଠାକୁରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' ଉପସ୍ଥିତ ଥିଲେ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କୋମନା,୨୯।୭(ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକ ରେଙ୍ଗ ଗାଁରେ ନେହେରୁ ଯୁବକେନ୍ଦ୍ର ସହାୟତାରେ ମଦର ଟେରେସା ସର୍ଭିସ ସେଣ୍ଟର ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଗାଁର ନାଳ, ନର୍ଦ୍ଦମା, ରାସ୍ତା ସଫେଇ କରି ସବୁବେଳେ ପରିବେଶ ସଫା ରଖିବାକୁ ସଚେତନ କରିଥିଲେ। ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ଦୁଷିତ ହେଉଛି, ଫଳରେ ସମସ୍ତେ ଏସବୁକୁ ସମୂଳେ ବର୍ଜନ କରିନ୍ତୁ ବୋଲି ଅନୁଷ୍ଠିତ ଗ୍ରାମ୍ୟ ସଭାରେ ଅନୁରୋଧ କରିଥିଲେ। ମଦର ଟେରେସା ସର୍ଭିସ ସେଣ୍ଟରର ସମ୍ପାଦକ ଯୋଗଦେଇ ଘର ଚାରି ପାଖ ସଫା ରଖିଲେ ମଶା ମାଛିର ବିନାଶ ହେବା ସଙ୍ଗେ ରୋଗମୁକ୍ତ ସମାଜ ଗଠନ ହେବ ବୋଲି କହିଥିଲେ। ସଙ୍ଗଠନ ସଭାପତି ଫକିର ରାଉତ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ସାପ କାମୁଡ଼ାରେ ଶିଶୁ ମୃତ

**ଖଡ଼ିଆଳ, ୨୯।୭ (ଡି.ଏନ.ଏ.)-** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚନୁଟମାଳ ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଚନୁଟମାଳ ଗ୍ରାମର ବିନୋଦ ଦୀପଙ୍କ ପୁଅ ହେମ ସାଗର (୩) । ରବିବାର ରାତିରେ ବିନୋଦଙ୍କ ପରିବାରର ଖାଇ ଶୋଇଥିଲେ । ଏକ ସାପ ପ୍ରଥମେ ବିନୋଦ ଏବଂ ପରେ ତାଙ୍କ ସାନପୁଅ ହେମଙ୍କୁ କାମୁଡ଼ିଥିଲା। ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ବିନୋଦଙ୍କ ଅବସ୍ଥା ଠିକ୍ ହୋଇଥିଲା। ତାଙ୍କ ପୁଅର ଅବସ୍ଥା ଗୁରୁତର ହେବାରୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଡ଼ିଆଳ ଥାନାରେ ଏକ ମାମଲା (ନଂ. ୨୭/୭) ରୁଜୁ ହୋଇଛି।

### ଏନ୍‌ଏସିର ବିଭିନ୍ନ ସମସ୍ୟା ବୁଲି ଦେଖିଲେ ପିଡି

# ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଲେ

**ନୂଆପଡା ଅଫିସ/ଖଡିଆଳ, ୨୯।୭ (ଡି.ଏନ.ଏ.)**

ଖଡିଆଳ ସହର ନୂଆପଡା ଜିଲାର ଏକ ଅଗ୍ରଣୀ ବ୍ୟବସାୟ ସହର ଭାବେ ପରିଗଣିତ । ଏଠାରେ ଦିନକୁ ଦିନ ଜନସଂଖ୍ୟା ବଢିଚାଲିଥିବାବେଳେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏହା ଉପରେ ବିଶେଷ ଦୃଷ୍ଟି ଦେବାକୁ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ଖଡିଆଳ ଏନଏସି ଗସ୍ତ କରି ବୁଲି ଦେଖି ଏହା କହିଛନ୍ତି ।

ଖଡିଆଳ ସହରରେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିବାବେଳେ ପ୍ରଶାସନ ତରଫରୁ ସେତେଟା ଦୃଷ୍ଟି ଦିଆଯାଉ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି । ହେଲେ ଅଭିଯୋଗଗୁଡିକ ଉପରେ ଏନଏସି କର୍ତ୍ତୃପକ୍ଷ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ବିଶେଷ ଦୃଷ୍ଟି ଦେବା ଆରମ୍ଭ କରିଦେଇଛନ୍ତି । ପର୍ଯ୍ୟାୟକ୍ରମେ ପରିମଳ, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଉପରେ ଧ୍ୟାନ ଦେଉଥିବାବେଳେ ପିଡି ବିଭିନ୍ନ ସମୟରେ ଗସ୍ତ କରି ପ୍ରତି ୱାର୍ଡକୁ ବୁଲି ଲୋକଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଛି। ଏହି



ଡିଆରଡିଏ ପିଡି ଖଡିଆଳ ଏନଏସିର ୱାର୍ଡ ନମ୍ବର ୪ର ଏକ ଡ୍ରେନେଜ ବ୍ୟବସ୍ଥା ବୁଲି ଦେଖୁଛନ୍ତି ।

**ଖଡିଆଳ ଏନଏସି**

କ୍ରମରେ ସହରର ଖଡିଆଳ-ଭବାନୀପାଟଣା ରାସ୍ତା ୱାର୍ଡ ନମ୍ବର ୪ରେ ପରିମଳ ବ୍ୟବସ୍ଥାକୁ ବୁଲି ଦେଖିଛନ୍ତି । ଏଠାରେ ସହରର ମଇଳା ପାଣି ଆସି ଜମି ରହୁଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ବହୁ ସମୟରେ ଲୋକେ ବିଭିନ୍ନ ଚର୍ମ ରୋଗରେ ପଡୁଥିବା ନେଇ ସ୍ଥାନୀୟ ଲୋକେ ଅଧିକାରୀମାନଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହ ମିଶି ଦୀର୍ଘ ସମୟ ଧରି ଆଲୋଚନା କରିଥିବାବେଳେ ଡ୍ରେନ ନିର୍ମାଣ ସମସ୍ୟା ଅସମାହିତ ହୋଇ ରହିଥିବାରୁ ଏଭଳି ପରିସ୍ଥିତି ହୋଇଥିବା ଜାଣିବାକୁ ପାଇଥିଲେ। ଏଠାରେ ତୁରନ୍ତ ପାଣ୍ଠି ବ୍ୟବସ୍ଥା କରି ଡ୍ରେନ ନିର୍ମାଣ କରିବାକୁ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଡିଙ୍କ ପରିଦର୍ଶନ ସମୟରେ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡି ପ୍ରମୁଖ ଉପସ୍ଥିତଥିଲେ। ଗତ ଦିନରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଅଧିକାରୀମାନେ ଅବହେଳା କରି ଆସିଛନ୍ତି। ବର୍ତ୍ତମାନ ପିଡି ନିଜେ ଆସି ପରିସ୍ଥିତି ବୁଝିଥିବାରୁ ସାଧାରଣ ସମ୍ପାଦକ ତାଣ୍ଡି ସାଧୁବାଦ ଜଣାଇଥିଲେ। ତେବେ ଏହିଭଳି ପିଡି ନାଏକ ସହରର ବିଭିନ୍ନ ସ୍ଥାନ ବୁଲି ସମସ୍ୟା ଦେଖିଛନ୍ତି ।

# ଅଣତାଲିମପ୍ରାପ୍ତ ସ୍କାଉଟ ଶିକ୍ଷକଙ୍କୁ ତାଲିମ

**ନୂଆପଡା ଅଫିସ/କୋମନା, ୨୯।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ଜିତାମିତ୍ର ହାଇସ୍କୁଲରେ ଅଣତାଲିମପ୍ରାପ୍ତ ସ୍କାଉଟ ଶିକ୍ଷକଙ୍କୁ ଜିଲା ଶିକ୍ଷାବିଭାଗ ତରଫରୁ ସୋମବାର ତାଲିମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ଜାତୀୟ ତାଲିମ ଦାତା ସ୍କାଉଟ ତ୍ରିନାଥ ଠାକୁର, ଜାତୀୟ ତାଲିମ ଦାତା ଧିରେନ୍ଦ୍ର କୁମାର ପଣ୍ଡା, କାଉନସିଲର ପବିତ୍ର ମୋହନ ପାଶା, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ତାଲିମ କମିଶନର ଅଶୋକ କୁମାର ବେହେରା, ସଙ୍ଗଠନ କମିଶନର ବିଜୟ କୁମାର ନାଗ, ଜିତାମିତ୍ର ହାଇସ୍କୁଲ ପ୍ରଧାନଶିକ୍ଷକ କୁଳମଣୀ ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଶିକ୍ଷକମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସ୍କାଉଟ ସମ୍ପର୍କରେ ବିଷଦ ଭାବରେ ଅବଗତ କରିଥିଲେ। ରଶି ଗଣ୍ଠି ପକାଇବା, ଫାଷ୍ଟ ଏଡ, ବିଦ୍ୟାଳୟରେ ଟ୍ରୁପ ଗଠନ, ଟ୍ରୁପ ରେକର୍ଡ ପ୍ରସ୍ତୁତି ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଜିଲାର ବିଭିନ୍ନ କୋଣରୁ ମୋଟ ୪୫ଜଣ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।





ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଏବଂ ଅଧିକାରୀମାନେ।

### ଯୁବ କଂଗ୍ରେସ ନେତାଙ୍କୁ କାରଣ ଦର୍ଶାଅ ପ୍ରସଙ୍ଗ

# ପାଲଟା ଅଭିଯୋଗ ଆଣିଲେ କର୍ମକର୍ତ୍ତା

**ନୂଆପଡା ଅଫିସ,୨୯।୭**

ଯୁବ କଂଗ୍ରେସରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର ଦୁଇଜଣ କର୍ମକର୍ତ୍ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନୋଟିସ ପାଇବା ପରେ ପାଲଟା ଅଭିଯୋଗ ଆଣିଛନ୍ତି କର୍ମକର୍ତ୍ତା । ଆମେ ଠିକ ସମୟରେ ଦଳୀୟ ଆଚରଣକୁ ମାନିବା ସହ ସଦସ୍ୟତା ସଂଗ୍ରହ ଅଭିଯାନରେ ବହୁ ଆଗରେ ଥିବା ଦର୍ଶାଇଛନ୍ତି । ଏଥିରେ ଖୋଦ ଜିଲା ସଭାପତି କୌଣସି କାମ କରି ନ ଥିବା ପାଲଟା ଅଭିଯୋଗ ଆଣିଛନ୍ତି । ପ୍ରକାଶ ଯେ, ଗତ ୨୫ ତାରିଖରେ ଜଣେ ଦଳିତ ମହିଳାଙ୍କୁ କୋମନା ପୋଲିସର ଦୁର୍ବ୍ୟବହାରକୁ ନେଇ ଯୁବ କଂଗ୍ରେସ ଆନ୍ଦୋଳନ କରିଥିଲା। ଏଥିରେ ଉପସଭାପତି ପପୁ ଅହିର ଏବଂ ସାଧାରଣ ସମ୍ପାଦକ ଶାହରୁଖ ଖାନ ଜିଲା ସଭାପତିଙ୍କ ଅଜାଣତରେ ନେତୃତ୍ୱ ନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଯୁବଂ କଂଗ୍ରେସ ସଭାପତି ଚନ୍ଦ୍ରକାର ଏମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିରେ ଏମାନଙ୍କୁ କାହିଁକି ନିଲମ୍ବନ କରା ନ ଯିବ ବୋଲି ଯୁକ୍ତି ବାଢିଛନ୍ତି । ତେବେ ଏହାର ପ୍ରତ୍ୟୁତରରେ ପପୁ ଲିଖିତ ଭାବେ ଜଣାଇଛନ୍ତି ଯେ, ସେ ଫୋନରେ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ । ସୋସିଆଲ ମିଡିଆ ଗ୍ରୁପରେ ମଧ୍ୟ ସେୟାର କରିଥିଲେ। ଏଥିପାଇଁ ରାଜ୍ୟ ସଭାପତିଙ୍କୁ ଜଣାଇଥିବାବେଳେ ରାଜ୍ୟ ପ୍ରଭାରୀ ଅର୍ଶଦ ଅଂଶାରୀ ଆସି ନିଜେ ଏହି ଆନ୍ଦୋଳନରେ ଯୋଗଦେଇଥିଲେ। ଅନ୍ୟପକ୍ଷେ କଂଗ୍ରେସରେ ଆଜକୁ ୭/୮ବର୍ଷ ହେବ ସକ୍ରିୟ ଭାବେ ଜିଲା ତଥା ରାଜ୍ୟ ଯୁବ କଂଗ୍ରେସରେ କାର୍ଯ୍ୟ ଭାର ତୁଲାଇ ଆସୁଛନ୍ତି । ଗତ ଦିନରେ ସଦସ୍ୟତା ଅଭିଯାନରେ ୧୭ଶହ ସଦସ୍ୟ ସଂଗ୍ରହ କରିଛନ୍ତି। ହେଲେ ଜିଲା ସଭାପତି ଜଣେ ହେଲେ ସଦସ୍ୟତା କରିନାହାନ୍ତି । ଏଭଳି ସ୍ଥିତିରେ ନିଲମ୍ବନ ପାଇଁ ଚିନ୍ତା କରିବା ଏବଂ ଏକ ଦଳିତ ମାମଲାରେ ହସ୍ତକ୍ଷେପ ନ କରିବା ନିନ୍ଦନୀୟ ବୋଲି କହିଛନ୍ତି । ଏହାକୁ ନେଇ ପପୁ ଜିଲା ତଥା ରାଜ୍ୟସ୍ତରୀୟ ନେତୃବର୍ଗଙ୍କୁ ଜଣାଇ ଦେଇଥିବା ପ୍ରକାଶ।

### ସାହସିକତାର ପରିଚୟ ଦେଖାଇଲେ ସ୍ୱାସ୍ଥ୍ୟକର୍ମୀ

**ସିନାପାଲି,୨୯ ।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଘାଟମାଲ ପଞ୍ଚାୟତ ଚିତାରମାଠାରେ ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚର୍‌ରେ ବୋହି ଉଛୁଳା ନଦୀରେ ସ୍ୱାସ୍ଥ୍ୟ କର୍ମୀମାନେ ପାର କରାଇ ସାହାସିକ ଓ ମାନବିକତାର ପରିଚୟ ଦେଖାଇଛନ୍ତି। ଗତ ୨୬ ତାରିଖରେ ନିକଟସ୍ଥ ସିନ୍ଦୁରଶୀଳ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଚାଲିଥିଲା। ନିକଟକୁ ଚିତାରମା ଗାଁର ଦିଳେଶ୍ୱର ଚିନ୍ଦାଙ୍କ ସ୍ତ୍ରୀ ନିରୁ ଚିନ୍ଦାଙ୍କୁ ଗର୍ଭ ଯନ୍ତ୍ରଣା ହେଉଥିବା ଖବର ଆସିଥିଲା। ସ୍ୱାସ୍ଥ୍ୟକର୍ମୀମାନେ ବହୁକଷ୍ଟରେ ନଦୀ ଆରପାରିକୁ ଷ୍ଟ୍ରେଚର ନେଇ ଯାଇଥିଲେ । ସେଠାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ସହ ସନ୍ଧ୍ୟା ୬ଟାରେ ଉଛୁଳା ନଦୀ ପାରି କରାଇ ଶେଷରେ ସ୍ୱାସ୍ଥ୍ୟକେନ୍ଦ୍ର ଗାଡିରେ ଆଣିଥିଲେ। ଏହି ସାହସିକତା କାମରେ ଜୋସ୍ନା ବନ୍ଦିଛୋର, କିଶୋର ସୁନାନୀ, ଅଞ୍ଜନା ଅହିର, ଭୁକ୍ତେ ମେହେର, ସବିତା ନନ୍ଦିନୀ ନିଆଲ ପ୍ରମୁଖ । ଏହି ସାହସିକତା କାମ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ ଉଦନ୍ତୀ ନଦୀ ଦୁଃଖ ସାଜିଛି। ବର୍ଷା ଦିନେ ଅଞ୍ଚଳ ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି । ପ୍ରଶାସନ ପଦକ୍ଷେପ ନେଇ ଉଦନ୍ତୀ ନଦୀରେ ସେତୁ ନିର୍ମାଣ ଆବଶ୍ୟକ ହୋଇ ପଡିଛି ବୋଲି ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ସିନାପାଲି,୨୯।୭ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସ୍ମିତା ସାହୁଙ୍କ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ନାଏକ, ସିଡିଏମଓ ଜ୍ୟୋସ୍ନାମୟୀ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଉପଜିଲାପାଳ ତରୁଣୀସେନ ନାଏକଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୬୪ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ସିନାପାଲି ସହରର ପରିମଳ ବ୍ୟବସ୍ଥା, ସହର ସୌନ୍ଦର୍ଯ୍ୟକରଣ, ଷ୍ଟ୍ରିଟଲାଇଟ, ସହରର ବିଭିନ୍ନ ରାସ୍ତା, ହସ୍ପିଟାଲ ସମସ୍ୟା, ଡ୍ରେନେଜ ଓ ରାସ୍ତାଘାଟ ମରାମତି ଦିଗରେ ପଦକ୍ଷେପ ନେବାକୁ ଶିବିରରେ ଅଭିଯୋଗ ହୋଇଥିଲା । ସେହିପରି ସିନାପାଲି ବ୍ଲକର ୧୪ ନଂ. ଜୋନରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର ଶିବିରକୁ ଆସି ବିଭିନ୍ନ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଥିବାରୁ ଗମନାଗମନରେ ଅସୁବିଧା ହେଉଥିବା ନେଇ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କରିବାକୁ ଅଭିଯୋଗ କରିଥିଲେ। ନୂଆପଡା ପଞ୍ଚାୟତର କେନ୍ଦୁଗୁଡାଠାରୁ ଗୋଏଲପାଣି ରାସ୍ତାରେ ପୋଲ ନିର୍ମାଣ, ସନ୍ଧିବାହାଲିଠାରେ ଥିବା ସୀମାନ୍ତ ରାସ୍ତାରେ ପୋଲ ନିର୍ମାଣ, ଭରୁଆମୁଣ୍ଡା ବେଲପଡାଠାରୁ ବରପଦର ରାସ୍ତାର ପୋଲ ନିର୍ମାଣ, କୋକପଦରଠାରୁ କଳାହାଣ୍ଡିସୀମା ରାସ୍ତା ବାଡୁନପାଣିଠାରେ ପୋଲ ନିର୍ମାଣ, ଗୋଡାଲ ଡଙ୍ଗରଗାଁଠାରୁ ସିଂଗଝର ରାସ୍ତାରେ ପୋଲ ନିର୍ମାଣ, ଘଣ୍ଟିଗୁଡା ପଞ୍ଚାୟତ ଘୋଡାଖାଲ ନାଳ ସ୍କୁଲ ରାସ୍ତା ପାଖରେ ପୋଲ ନିର୍ମାଣ ଇତ୍ୟାଦି ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏତଦ ବ୍ୟତୀତ ସିନାପାଲି ବ୍ଲକ୍ ଗୋଡାଲ ଗ୍ରାମପଞ୍ଚାୟତ କୋଟାମାଲ ଯୋଗିମଠ, ମହଗାଁ, ବ୍ରାହ୍ମଣପଡା ଏବଂ ବେଲପାଟିପଡାରେ ବହୁଦିନ ହେଲା ବିଦ୍ୟୁତ୍ ସଂଯୋଗିକରଣ କାମ ଆରମ୍ଭ ହୋଇ ଟ୍ରାନ୍ସଫର୍ମର ମଧ ସଂଯୋଗ ହୋଇସାରିଛି। ହେଲେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଟ୍ରାନ୍ସଫର୍ମର ଚାର୍ଜ କରାଯାଉନାହିଁ ଏବଂ ଘରକୁ ବିଦ୍ୟୁତ୍ ସଂଯୋଗ ମଧ ଦିଆଯାଉନାହିଁ। ଏହି ସମସ୍ୟା ନେଇ ମଧ ଶିବିରରେ ଅଭିଯୋଗ ହୋଇଥିଲା।





ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ମରନ୍‌ଯଁତା ପାଲଟିଛେ ରାସ୍‌ତା

**ସିନାପାଲି,୨୯।୭ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଧୀନ ସିନାପାଲି-ନଙ୍ଗଲବୋଡ଼ ଗ୍ରାମ୍ୟ ଉନ୍ନୟନ ରାସ୍‌ତା ବହୁତ ଖରାପ ଅବସ୍‌ତାରେ ରହିଛେ। ଯେନ୍‌ଥିରଲାଗି ଅଂଚଲବାସୀ ବଡ଼ଭାରି ଅସ୍‌ବିଧାର ସାମନା କରୁଛନ୍। ସିନାପାଲି ସଦରନୁ ସୀମାନା ନଙ୍ଗଲବୋଡ଼ ତକ୍ ଯାଇଥିବାର ଇ ରାସ୍‌ତା ଉପରେ କଏଁଟପଦର, ଖଇରପଦର, ନଙ୍ଗଲବୋଡ଼, ଘାଟମାଲ, ନୂଆମାଲପଡ଼ା ପଁଚେତ୍‌ବାସୀ ନିରଭର କରୁଛନ୍। ସେନ୍‌ତା ପଡ଼ିଶା ଛତିଶଗଡ଼ ରାଏଜର ଇନ୍ଦାଗାଁ, ମେନପୁର, ଗରିୟାବନ୍ଦ ଅଂଚଲକେ ଇ ରାସ୍‌ତା ଯୁଡ଼ି ହେଇଛେ। ଇ ରାସ୍‌ତାରେ ଅନେକ ସାପ୍‌ତିହିକ ହାଟ୍, କଲେଜ ଥିଲାବେଲେ ସରକାରୀ ବସ୍ ବି ଯିବାର ଆଏବାର କରୁଛେ। ହେଲେ ରାସ୍‌ତାର ଅବସ୍‌ତା ଏତେ ଖରାପ ଯେ, ରାସ୍‌ତାର ଭିନେ ଭିନେ ଜାଗାରେ ହେଇଥିବାର ବଡ଼ ବଡ଼ ଖାଲରେ ପାଏନ୍ ରୁଡ଼ି ବଁଧର ଭରମ ସୁରୁଷ୍ଟି କରୁଛେ। ଇ ରାସ୍‌ତାରେ ଲୁକ୍‌କୁ ଯିବାର ଆଏବାର ଲାଗି ବହୁତ୍ ସମିଆ ଲାଗୁଛେ। ପଁଚେତ୍‌ର ଜନସାଧାରନ ଭିନେ ଭିନେ କାମ୍ ଲାଗି ସିନାପାଲି ବ୍ଲକ ଦପ୍‌ତର କିନିହାତି ଜରୁରି ହେଲେ ଡାକ୍‌ତରଖାନାକେ ଆସୁଛନ୍। ହେଲେ ରାସ୍‌ତାର ଖରାପ ଅବସ୍‌ତା ଲାଗି ସେମାନେ ଠିକ୍ ସମିଆରେ ପୁହୁଁଚି ନାଇଁପାରି ହଇରାନ ହରକତ୍ ହେଉଥିବାର ଥାନୀୟ ଲୋକ୍ ଅଭିଯୋଗ କରିଛନ୍। ସେନ୍‌ତା ଛାତ୍ରୀଛାତ୍ର ସ୍କୁଲ, କଲେଜକେ ପାଠ୍ ପଢ଼ିଗଲାବେଲେ ବଡ଼ଭାରି ସମସିଆର ସାମନା କରୁଥିବାର କହିଛନ୍। ସୂଚନା ଅନ୍‌ସାରେ ୨୦୧୩-୧୪ ବଛରରେ ସିନାପାଲି ନଙ୍ଗଲବୋଡ଼ ରାସ୍‌ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ତିଆର ହେଇଥିଲା। ହେଲେ ଇ ରାସ୍‌ତା ତିଆରି ଆର ମରାମତି ଲାଗି ଚୁକ୍‌ତି କରିଥିବାର ଠିକାଦାର ବଷ୍ଟି ଅଗ୍ରୱାଲ ଜେଲ ଗଲା ଉତାରୁ ରାସ୍‌ତାର ଦେଖ୍‌ଭାଲ, ମରାମତି ଅଭାବୁ ଏହେଦେ ମରନ୍‌ଯଁତା ପାଲଟିଛେ। ସେନ୍‌ତା ଇ ରାସ୍‌ତାର କଇଁଟପଦର, ଖଇରପଦର, ଘୁଚାଗୁଡ଼ାନେ ବଡ଼ବଡ଼ ଖାଲ ହେଇ ରାସ୍‌ତାରେ ଆଁଠେ ପାଏନ୍ ଜମା ହେଇ ରହୁଛେ। ଯେନ୍‌ଥିରଲାଗି ଅଂଚଲବାସୀ ଅନେକ ସମିଆରେ ଦୁରଘଟନାର ଶିକାର ହେଉଛନ୍। ଇ ବାବ୍‌ଦେ ଥାନୀୟ ଜିଲା ପରିଷଦ ସଭ୍ୟ ଗିରିରାଜ ମାଝିଙ୍କୁ ପଚରାଲାରୁ ଇ ରାସ୍‌ତା ତିଆର ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ସଂଗେ ଆଲୋଚନା କରିଛେଁ, ଜିଲା ପରିଷଦ ବଇଠକ୍‌ରେ ବି ଅଭିଯୋଗ କରିଛେଁ ବଲି ସେ କହିଥିଲେ। ସେନ୍‌ତା ସେନ୍‌ତା ଇ ବାବ୍‌ଦେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ଟି.କିଶାନଙ୍କୁ ପଚରାଲାରୁ ରାସ୍‌ତାର ଅବସ୍‌ତା ବାବ୍‌ଦେ ଅବଗତ୍ ଅଛୁଁ ଯେତେ ଜଲଦି ହେବା ମରାମତି ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ସିନାପାଲି-ନଙ୍ଗଲବୋଡ଼ ରାସ୍‌ତାର ଅବସ୍‌ତା।

### କାଟେଲେକା ପୋଲ ଭାଙ୍ଗିଲା

# ୪ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ

**ଭବାନୀପାଟଣା,୨୯।୭ (ଡି.ଏନ.ଏ.)**

ଲଘୁଚାପ ପ୍ରଭାବରେ ଗତ ୨୪ ତାରିଖଠାରୁ ଲଗାଣ ବର୍ଷା ଲାଗିଛି। ଫଳରେ ନାଗାବଳୀ ନଦୀର ଶାଖା କାଟେଲେଖା ନଦୀରେ ବନ୍ୟା ସ୍ଥିତି ଦେଖାଦେଇଛି। ଗତ ୩ ଦିନ ମଧ୍ୟରେ କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକ୍ ଅଞ୍ଚଳରେ ୧୮୧ ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ କେରପାଇ ଓ କାଟଲେଖାକୁ ସଂଯୋଗ ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳ କାଟେଲେଖା ନଦୀ ପୋଲର ୯୦ ପ୍ରତିଶତ ଭାଙ୍ଗିଯାଇଛି। ଏହା ସହ ପୋଲରେ ୫ ଫୁଟ୍‌ରୁ ଅଧିକ ପାଣି ପ୍ରବାହିତ ହେଉଛି। ଫଳରେ କେରପାଇଠାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ସହିତ କାଟେଲେଖା, ପୋଡାପାଇ, ମେଲରଫାଠାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ସହିତ କାଟେଲେଖା, ପୋଡାପାଇ, ମେଲରଫା ଓ କୁଟୁମାଳି ପ୍ରମୁଖ ୪ ଖଣ୍ଡ ଗ୍ରାମବାସୀ ଯୋଗାଯୋଗରୁ ବିଚ୍ଛିନ୍ନ ହେଇପଡିଛନ୍ତି। ଏପରିକି କାଟେଲେକାଠାରେ ଥିବା ଉନ୍ନୀତ ବିଦ୍ୟାଳୟକୁ ପାଠପଢିବା ପାଇଁ ଆସୁଥିବା କେରପାଇ ସମେତ ଅନ୍ୟ ଗ୍ରାମର ଛାତ୍ରଛାତ୍ରୀ ମଧ୍ୟ ପୋଲ ଉପରେ ପାଣି ପ୍ରବାହିତ କାରଣରୁ ବିଦ୍ୟାଳୟକୁ ଆସି ପାରୁନାହାନ୍ତି। ଏହି ସମସ୍ୟା ଦିନକର କି ମାସକର ନୁହେଁ ଏହି ସମସ୍ୟା ଏହି ଅଞ୍ଚଳବାସୀଙ୍କ ପାଇଁ ପ୍ରତିବର୍ଷ ଦେଖାଦେଉଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ନଦୀ ଉପରେ ଉଚ୍ଚ ପୋଲର ବ୍ୟବସ୍ଥା ହୋଇପାରୁ ନହିଁ। ଇଲାକାରେ ପାଣିର ଗତି ଅତି ତୀବ୍ର ରହୁଥିବାରୁ ନଦୀର ପାରି ହେବା ପାଇଁ କେହି ସାହାସ କରି ପାରନ୍ତି ନାହିଁ। ସୂଚନାଯୋଗ୍ୟ ଯେ, ଗତ ୨୦୧୭-୧୮ ଆର୍ଥିକ ବର୍ଷରେ କେରପାଇଠାରୁ କାଟେଲେଖା ପର୍ଯ୍ୟନ୍ତ ଥିବା ୧.୨୦ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପ୍ୟାକେଜ ନଂ. ଓଆର-୧୫-୩୩୫/ବି- ଆଇଆଇଆଇରେ ସାମିଲ କରାଯାଇ ୬୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ କାର୍ଯ୍ୟ କରାଯାଇଥିଲା। କିନ୍ତୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଜନ ଏହି ଯୋଜନାରେ ଏହି ପୋଲ ନିର୍ମାଣର କୌଣସି ବ୍ୟବସ୍ଥା କଲେ ନାହିଁ। ଯେଉଁଥି ପାଇଁ ଲୋକେ ଏବେ ବର୍ଷା ୪ ମାସ ବିଚ୍ଛିନ୍ନାଞ୍ଚଳ ଭାବେ ଜୀବନଯାପନ କରିବାକୁ ବାଧ ହେଉଛନ୍ତି। ଏପରିକି ଅତ୍ୟାବଶକ ସାମଗ୍ରୀ ଅଭାବରୁ କିଛି ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହେଇ ଜଙ୍ଗଲି କନ୍ଦା ଓ ଆମ୍ବଟାକୁଆ ଭଳି ଅଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି। ଏହାସହ ରାସ୍ତା ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ଥ ହେଉଥିଲେ ମଧ ବିଭାଗ ତରଫରୁ ଆବଶ୍ୟକ ମରାମତିର ବ୍ୟବସ୍ଥା କରାଯାଉ ନ ଥିବାରୁ ରାସ୍ତା ଏବେ ଅଗମ୍ୟ ଅଞ୍ଚଳ ପାଲଟୁଛି। ନଦୀରେ ପୋଲର ଅଭାବରୁ ଲୋକେ ସ୍ୱାସ୍ଥ୍ୟ ସେବାରୁ ମଧ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ନଦୀ ଉପରେ ଏକ ଉଚ୍ଚ ପୋଲ ନିର୍ମାଣର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ପୁନଃ ଦାବି ହେଉଛି। ଏ ନେଇ ଭବାନୀପାଟଣା ଗ୍ରାମ ଉନ୍ନୟନ ବିଭାଜନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ପାଇଁ ପ୍ରୟାସ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନାହିଁ।



ରାସ୍ତା ଉପରେ ବନ୍ୟା ପାଣି ଚାଲିଛି।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ତରଭା, ୨୯।୭(ଡି.ଏନ.ଏ.):** ତରଭା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ସଂଯୁକ୍ତ ଜନଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୀଷା ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ଦେବୀ ପ୍ରସାଦ ଦାସ, ଉପଜିଲାପାଳ ବଳରାମ ମଲ୍ଲିକ, ଡିଏସଏସଓ ଆତ୍ରାଣ ଥାଟି, ତରଭା ବିଡିଓ ନିହାର ରଞ୍ଜନ କହଁର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଏଡିଏମ ଶରତ ଚନ୍ଦ୍ର ପଣ୍ଡା, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଡିଇଓ ପୁଷ୍ପା ମିଞ୍ଜ, ଇସିଡିଆରଡିଏ ଧନଞ୍ଜୟ ଦୋରା, ସିଡିଏମଓ ପି.କେ. ଗୁରୁ ପ୍ରମୁକ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ୧୨୦ ଗୋଟି ଅଭିଯୋଗ ଦାଖଲ ହୋଇଥିଲା ।

### ସୁନେତ୍ର, କୃମିନାଶକ ପ୍ରଶିକ୍ଷଣ ଶିବିର

**ଡୁଙ୍ଗୁରିପାଲି, ୨୯।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସୁନେତ୍ର ଓ କୃମିନାଶକ ଦିବସ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଭାରପ୍ରାପ୍ତ ମେଡିକାଲ ଅଫିସର ଡା.ଆଶିଷ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା,ଏବିଇଓ ଗଞ୍ଜଲୁ ମିର୍ଦ୍ଧା, ବିଆରଟି ମନୋଜ କୁମାର ସାହୁ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିପିଏମ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ବ୍ଲକର ଦୃଷ୍ଟି ବିଜ୍ଞାନଧାରୀ ବିଦ୍ୟାଧର ସାହୁ ଉପସ୍ଥିତ ରହି ସୁନେତ୍ର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଡା.ଆଶିଷ କୁମାର ଗୋୟଲ ସାପ୍ତାହିକ ଲୌହ ବଟିକା ବଣ୍ଟନ ବିଷୟରେ ତାଲିମ ଦେଇଥିଲେ। ଅଶୋକ ମିଶ୍ର ଓ ପିଏଚଇଓ ଶେଷଦେବ ଥନାପତି ଆସନ୍ତା ମାସ ୮ ତ ଓ ୧୬ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ ହେବ ବୋଲି ସୂଚନା ଦେଇଥିଲେ । ଡା. ନବ କିଶୋର ବେହେରା,ଅଜିତ କୁମାର ହୋତାଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ତାଲିମ ନେଇଥିଲେ ।

କଲେଜ ଛାତ୍ରୀ ବଳାତ୍କାର ଘଟଣା

### ବଳାତ୍କାରୀ ମଉସା ଜେଲ୍ ଗଲେ

**ଭବାନୀପାଟଣା,୨୯।୭ (ଡି.ଏନ.ଏ.)-** ଜଣେ କଲେଜ ଛାତ୍ରୀ ବଳାତ୍କାର ଘଟଣାରେ ଜେଲ ଗଲେ ଅଭିଯୁକ୍ତ ମଉସା। ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ଦାସଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ନିଜ ସମ୍ପର୍କୀୟ ମାଉସୀ ଘରେ ରହି ଅଞ୍ଚଳର ଏକ କଲେଜରେ ପାଠ ପଢୁଥିଲେ। ଗତ ୨୫ ତାରିଖ ରାତିରେ ମଉସା ଜଣକ ତାଙ୍କୁ ବଳାତ୍କାର କରିଥିବା ଛାତ୍ରୀ ଜଣକ ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ମଉସା ଚିତ୍ତରଞ୍ଜନ ଦାସଙ୍କୁ ଅଟକ ରଖି ଜେରା କରିଥିଲା। ପରେ ଚିତ୍ତରଞ୍ଜନଙ୍କୁ ଗିରଫ କରି ଭବାନୀପାଟଣା ଅତିରିକ୍ତ ଜିଲା ଜଜ୍ କୋର୍ଟକୁ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କ ଡାକ୍ତରୀ ମାଇନ ପରେ ଜିଲା ଶିଶୁ ମଙ୍ଗଳ ସମିତିରେ ଦାଖଲ କରି ସ୍ଥାନୀୟ ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଛି।

ବୀମାରାଶି, ମରୁଡି ସହାୟତା ପ୍ରଦାନ ଦାବି

# କୃଷକ ସଙ୍ଗଠନର ରାସ୍ତା ଅବରୋଧ

**ବେଲପଡା, ୨୯।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଆଠ ପଞ୍ଚାୟତର ଚାଷୀ ୨୦୧୮-୧୯ ଖରିଫ ଫସଲରେ କରିଥିବା ଶସ୍ୟବୀମା ଓ ମରୁଡି ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଗତ ୧୫ତାରିଖରେ ଜୟ କୋଶଳ କୃଷକ ସଂଗଠନ ବେଲପଡା ତହସିଲ ଅଫିସ ଘେରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଦାବିଗୁଡିକ ଆଠଦିନ ମଧ୍ୟରେ ପୂରଣ ନହେଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବା ବୋଲି ସେତେବେଳେ ଚେତାବନୀ ଦିଆଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଶାସନ ଚାଷୀ ସମସ୍ୟାକୁ ଅଣଦେଖା କରିଥିବାରୁ ସୋମବାର କୃଷକ ସଂଗଠନ ସଭାପତି ବନମାଳୀ ନାଏକ, ସମ୍ପାଦକ ସିପୁନ ଖମାରୀ, ପ୍ରକାଶ ବୁଡେକଙ୍କ ନେତୃତ୍ୱରେ ଶତାଧିକ ଚାଷୀ କଲେଜ ଛକଠାରେ ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ । ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ



କୋଶଳ ଚାଷୀ ସଙ୍ଗଠନ ପକ୍ଷରୁ ତହସିଲଦାର ପ୍ରିୟରଞ୍ଜନ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗାଡିମୋଟର ସବୁ ଅଟକି ରହିଥିଲା । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରଗଡ ଜିଲା ଜୟ କିଶାନ କୃଷକ ସଂଗଠନ ସମ୍ପାଦକ ରମେଶ ମହାପାତ୍ର, ସୁଶୀଲ ସାହୁ, କିଶୋର ସାହୁ, ସରୋଜ ଚନ୍ଦନ ଓ ବଲାଙ୍ଗୀର ସଂଗଠନରୁ ରବି ମିଶ୍ର, ଶରତ ହୋତା, ସିପୁନ ଖମାରୀ, ବନମାଳୀ ନାଏକ ପ୍ରମୁଖ ଚାଷୀଙ୍କ ସମସ୍ୟା ଉତ୍ଥାପନ କରି ପ୍ରଶାସନର ଅସହଯୋଗକୁ ସମାଲୋଚନା କରିଥିଲେ । ଖବର ପାଇ ବେଲପଡା ଥାନା ଆଇଆଇସି ସଚ୍ଚିଦାନନ୍ଦ ବରିହା, ତଦସିଲଦାର ପ୍ରିୟରଞ୍ଜନ କୁମାର, ବିଡିଓ ବିଜୟ ହୋତା, ପାଟଣାଗଡ କୃଷି ଜିଲା ଅଧିକାରୀ ଯଶୋବନ୍ତ ସାହୁ, ବେଲପଡା କୃଷି ଅଧିକାରୀ ଆନନ୍ଦ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳକୁ ଆସି ଚାଷୀ ସଂଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ତହସିଲଦାର କୁମାରଙ୍କୁ ପ୍ରଦାନ କରାଯାଇଥିଲା । ପ୍ରମୁଖ ଦାବିଗୁଡିକ ମଧ୍ୟରେ ୨୦୧୮-୧୯ ଖରିଫ ଫସଲର ଶସ୍ୟବୀମା ରାଶି ବାବଦରେ ବ୍ଲକର ବାକି ରହିଥିବା ଧୁମାଭଟା, ସୁଲେକେଲା, ମଣ୍ଡଳ, ଘାଗୁର୍ଲୀ, କପାଣି, ନୁନହାଡ, ବେହେରାମୁଣ୍ଡା, ବାଲିଖମାର ଗ୍ରାମ ପଞ୍ଚାୟତର ଚାଷୀଙ୍କୁ ବୀମାରାଶି ସହ ମରୁଡି ସହାୟତା, ବେଲପଡା ବ୍ଲକକୁ ଚଳିତ ବର୍ଷ ମରୁଡି ଘୋଷଣା । ଅଗଷ୍ଟ ୧୫ତାରିଖ ସୁଦ୍ଧା ବ୍ଲକର ସମସ୍ତ ଚାଷୀଙ୍କୁ ଇନପୁଟ ସବସିଡି ସହ ବୀମା କମ୍ପାନୀ ସାଙ୍ଗରେ ଆଲୋଚନା କରି ପଦକ୍ଷେପ ନେବା ପାଇଁ ତହସିଲଦାର ଓ ବିଡିଓ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋରେ କୋଶଳ ଚାଷୀ ସଂଗଠନର କର୍ମକର୍ତ୍ତାଙ୍କ ସହ ଜୟକିଶାନ ରଣା, ଭୀମ ରଣା, ପିଣ୍ଟୁ ବୁଡେକ, ତୁଷବନ୍ଧୁ ବୁଡେକ, ରାମ ପଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

### ଜଳ ଲାଗି କଲେ ହଜାର ହଜାର କାଉଡିଆ

**ସୋନପୁର,୨୯।୭(ନି.ପ୍ର.)**

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ସୁବର୍ଣ୍ଣପୁର ଜିଲାର ବିଭିନ୍ନ ପ୍ରସିଦ୍ଧ ଶୈବ ପୀଠରେ କାଉଡିଆଙ୍କ ପ୍ରବଳ ଭିଡ ହୋଇଥିଲା। ମହାନଦୀ, ତେଲନଦୀ, ଅଙ୍ଗନଦୀ ଓ ସୁକତେଲ ନଦୀରୁ ଜଳ ଆଣି ହଜାରହଜାର କାଉଡିଆ ପ୍ରସିଦ୍ଧ ଶୈବ ପୀଠ ରାମେଶ୍ୱର, ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଂକାର ନାଥ, ପଞ୍ଚରଥ, ସିଦ୍ଧେଶ୍ୱର, ଲୋକନାଥ ଓ ବୈଦ୍ୟନାଥର ସର୍ବପୁରାତନ ଶୈବ ପୀଠ କୋଶେଳେଶ୍ୱରଙ୍କୁ ଜଳଲାଗି କରିଛନ୍ତି। ସେହିପରି ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିରରେ କାଉଡିଆଙ୍କ ସମାଗମ ହୋଇଥିଲା। ସେମାନେ ରବିବାର ରାତିରେ ମହାନଦୀର ପାପକ୍ଷୟ ଘାଟରୁ ଜଳ ଆଣି ଶିବାଳୟ ଅଭିମୂଖେ ଯାଇଥିଲେ। ଚରଦା କପିଳେଶ୍ୱର ମନ୍ଦିରରେ ଧାଡିରେ ଛିଡା ହୋଇ ଭକ୍ତମାନେ ଜଳଲାଗି କରିଥିଲେ। ସେହିପରି ପାପକ୍ଷୟ ଘାଟ, ବିନିକା ଗଡଭିତର, ଖଇରମାଲ, ବିଶାଳପାଲି, ଘାଟିଘଟିଏନ, ସକମା, ଗଡଗଡବାହାଲ ଆଦି ଶିବ ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ମଧ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

# କ୍ଲଷ୍ଟରସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

**ଅମରପାଲି,୨୯।୭(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର କ୍ଲଷ୍ଟରସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବ ଅମରପାଲି ୟୁପି ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କ୍ଲଷ୍ଟରର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତାରେ କାର୍‌ଗିଲ ଯୁଦ୍ଧ ବିଷୟ ଦିଆଯାଇଥିଲା। ଏଥିରେ ଅମରପାଲି ୟୁପି ସ୍କୁଲର ଅଙ୍କିତା ପଧାନ ପ୍ରଥମ, ଭାଲୁଡୁଙ୍ଗୁରୀ ସ୍କୁଲର ସ୍ୱାଗତିକା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ବହଳପଦର ସ୍କୁଲର ମନିସା ପଧାନ ପ୍ରଥମ, ଗୌଡ଼ଗାଡ଼ ୟୁପି ସ୍କୁଲର ଦିପକ ଭୋଇ ଦ୍ୱିତୀୟ ଓ ଅମରପାଲି ୟୁପି ସ୍କୁଲର ଆରିୟନ ପଧାନ ତୃତୀୟ ବିବେଚିତ ହୋଇଥିଲେ। ସେହିପରି କୁଇଜ୍ ପ୍ରତିଯୋଗିତାରେ ଅମରପାଲି ସ୍କୁଲର ସାଇ ସ୍ପନ୍ଦନ ବିଶ୍ୱାଳ ପ୍ରଥମ, ଭାଲୁଡୁଙ୍ଗୁରୀ ସ୍କୁଲର କୁନ୍ତୀ ସାହୁ ଦ୍ୱିତୀୟ ଏବଂ ଅମରପାଲି ସ୍କୁଲର ଈପ୍‌ସିତା ଅନନ୍ୟା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଭିନ୍ନ ପ୍ରତିଯୋଗତାରେ ବିଚାରକ ଭାବେ ଅରବିନ୍ଦ ରଣା, ବାଙ୍କବିହାରୀ ମହାକୁର, ନାରାୟଣ ବେହେରା, ବିରୋଦ ଭୋଇ, ନିଦ୍ରାବତୀ ନାୟକ, ତପକିରଣ ସାହୁ, ଧୀରେନ୍ ନାଏକ, ବିଶ୍ୱାମିତ୍ର ପଧାନ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଶୁଭାଶିଷ ମିଶ୍ରଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟ ଅତିଥି ଏବଂ ଅମରପାଲି ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଭାଲୁଡୁଙ୍ଗୁରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାର୍ଗବୀ ଭୋଇ, ମନରଞ୍ଜନ ପୁରୋହିତ ଏବଂ ବହଳପଦର କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ ଜଗଦଳା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲଘୁଚାପ ବର୍ଷାରେ ଭାଙ୍ଗିଲା ଘର

**ଡୁଙ୍ଗୁରିପାଲି, ୨୯।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ତେଲିଟିକିରା କେନାଲପଡାରେ ଲଘୁଚାପ ବର୍ଷାରେ ଦୁଇଟି ପରିବାର ଘର ଭାଙ୍ଗି ଯାଇଛି । ହେଲେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ । ରବିବାରଠାରୁ ତୁହାକୁ ତୁହା ବର୍ଷା ହୋଇଥିଲା। ସୋମବାର ସକାଳେ କେନାଲ ପାଣି ହଠାତ ବଢି କେନାଲ ରାସ୍ତାରେ ବସତି ସ୍ଥାପନ କରିଥିବା ଏହି ଦୁଇ ପରିବାରର ଘରକୁ ମାଡି ଯାଇଥିଲା। କ୍ଷତିଗ୍ରସ୍ତ ଡେମ ସାହୁ ଓ ଆଶିଷ ଭରାସାଗରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



ବିଜୁ ଯୁବ ବାହିନୀ ତରଫରୁ ସଫେଇ କରାଯାଉଛି।

### ବିଜୁ ଯୁବ ବାହିନୀର ସଫେଇ କାର୍ଯ୍ୟକ୍ରମ

**ଲାଠୋର, ୨୯।୭(ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମ ବିଜୁ ଯୁବ ବାହିନୀ ତରଫରୁ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଭାପତି ବାଲେଶ୍ୱରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଲାଠୋର ସରକାରୀ ନୋଡାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଓ ମେହେର ପଡା ଯିବା ରାସ୍ତା କଡରେ ଜମି ରହିଥିବା ଆବର୍ଜନାକୁ ଯୁବ ବାହିନୀ ସଦସ୍ୟ ସଫା କରିଥିଲେ। ପରେ ଏକ ଟ୍ରାକ୍ଟର ଯୋଗେ ଉକ୍ତ ଆବର୍ଜନାକୁ ବାହାରକୁ ନେଇ ପକାଯାଇଥିଲା। ବାସନ୍ତୀ ମେହେର, ହୃଷିକେଶ ମେହେର, ଶକ୍ତି ସେଠ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

**ଖପ୍ରାଖୋଲ,୨୯।୭(ଡି.ଏନ.ଏ.)**

ଖପ୍ରାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟରେ ଜଙ୍ଗଲ ବିଭାଗ ତରଫରୁ ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁନିୟର ଏବଂ ସିନିୟର ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ବର୍ଗ ପାଇଁ ଚିତ୍ରାଙ୍କନର ବିଷୟ ଥିଲା ବନ୍ୟ ପ୍ରାଣୀ ପ୍ରତି ସହନଶୀଳତା ଏବଂ ସିନିୟର ବର୍ଗ ପାଇଁ ବିଷୟ ଥିଲା ଜଳବାୟୁ ପରିବର୍ତ୍ତନ ଓ ବନ୍ୟପ୍ରାଣୀ ଶୀର୍ଷକ । ଜୁନିୟର ବର୍ଗରେ ପଞ୍ଚମରୁ ସପ୍ତମ ଓ ସିନିୟର ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା, ବଣ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଥିଲା ମୂଳ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମ ଅବସରରେ ହରିଶଙ୍କର



ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ଆଦର୍ଶ ବିଦ୍ୟଳୟ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଖମାରୀ, ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମପ୍ରକାଶ ମେହେର, ବନରକ୍ଷୀ ସୁନ୍ଦର କାଲସାଏ, ଲକ୍ଷ୍ମୀ ମୁଣ୍ଡା, ବିନୋଦ ବିହାରୀ ଧରୁଆ, ଯଶୋବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ଖପ୍ରାଖୋଲ, ମହରାପଦର, ରେଙ୍ଗାଲି, ଫୁଲକିମୁଣ୍ଡା ପ୍ରମୁଖ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗିମାନଙ୍କ ମଧ୍ୟରୁ ୩ଜଣ ଲେଖାଏଁ ଜିଲାସ୍ତରକୁ ଏବଂ ଶେଷରେ ରାଜ୍ୟସ୍ତରକୁ ମନୋନୀତ ହେବେ।

### ରାଜସ୍ୱ ନିରୀକ୍ଷକଙ୍କୁ ନିଲମ୍ବନ କଲେ ଜିଲାପାଳ

**ସୋନପୁର,୨୯।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ବୀରମହାରାଜପୁର ତହସିଲ ଅଫିସର ରାଜସ୍ୱ ନିରୀକ୍ଷକ(ଆରଆଇ) ଅରୁଣ କୁମାର ପୁରୋହିତଙ୍କୁ ନିଲମ୍ବିତ କରିଛନ୍ତି। ଆରଆଇ ପୁରୋହିତ ଲାଞ୍ଚ ନେଇ ଗତ ୨୩ ତାରିଖରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେ ଏବେ ବଲାଙ୍ଗୀର ଜିଲା କାରାଗାରରେ ଅଛନ୍ତି। ତାଙ୍କ ନାମରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ.୨୩/୧୯)ରୁଜୁ ହୋଇଛି। ଭିଜିଲାନ୍ସ ବିଭାଗର ରିପୋର୍ଟ ଅନୁଯାୟୀ ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ନିଲମ୍ବିତ ଆରଆଇଙ୍କ ବିରୋଧରେ ଶୀଘ୍ର ଡ୍ରାଫ୍ଟଚାର୍ଜ କରିବା ପାଇଁ ଜିଲାପାଳ ବାନାର୍ଜୀ ବୀରମହାରାଜପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ବାଳିକା ଉଚ୍ଚ ବିଦ୍ୟାଳୟରେ ସାନିଟାରି ନାପ୍‌କିନ ବଣ୍ଟନ

**ସୋନପୁର,୨୯।୭(ନି.ପ୍ର.)**

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ଓ ସାନିଟାରି ନାପ୍‌କିନ 'ଖୁସି' ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୁସି ଯୋଜନା ବିଷୟରେ କହିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ବ୍ୟକ୍ତିଗତ ସ୍ୱଚ୍ଛତା ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ଝିଅମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସୁସ୍ଥ ରହିବା ପାଇଁ ଉତ୍ତମ ଅଭ୍ୟାସ ଉପରେ ଛାତ୍ରୀଙ୍କ ସହ ସେ ଆଲୋଚନା କରିଥିଲେ। ଏହି ଅବସରରେ ସାହୁ ସୂଚନା ଦେଇଥିଲେ ଯେ, ଓଡିଶା ରାଜ୍ୟ ମେଡିକାଲ କର୍ପୋରେଶନ ତାଲିକା ଅନୁଯାୟୀ ଜିଲାର ପ୍ରାୟ ସବୁ ବିଦ୍ୟାଳୟକୁ ସାନିଟାରୀ ନାପ୍‌କିନ ପହଞ୍ଚାଇ ଦିଆଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଣତୀ ସାହୁ ଛାତ୍ରୀମାନଙ୍କୁ ସାନିଟାରୀ ନାପ୍‌କିନର ବ୍ୟବହାର ପ୍ରକ୍ରିୟା ବୁଝାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର ସଭା ପରିଚାଳନା କରିଥିଲା ବେଳେ ସତମାନିନୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମୀନତି ବହିଦାର, ଅନିତା ବହିଦାର, ପର୍ଶୁରାମ ମେହେର, ପ୍ରଜ୍ଞା ଦାଶ, ପ୍ରଜ୍ଞା ପରମିତା ମିଶ୍ର, ସୌଦାମିନୀ ଶତପଥୀ, ସ୍ନେହଲତା ପ୍ରଧାନ, ବଦୁନ ନିଶା ଓ କଲ୍ୟାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଘୁଙ୍ଗିନାଳ ଉପରେ ୪ଫୁଟର ପାଣି

**ବୀରମହାରାଜପୁର, ୨୯।୭ (ଡି.ଏନ.ଏ.)**

ରବିବାର ରାତିରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଯୋର ଓ ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି । ବ୍ଲକର ଭୁତିଆପାଲି ଓ ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ଉପରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ବୀରମହାରାଜପୁର-ଅମରପାଲି ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଛାତ୍ରୀଛାତ୍ରମାନେ ଭୁତିଆପାଲି ଓ ବୀରମହାରାଜପୁର କଲେଜକୁ ଯାଇ ନ ପାରି ଫେରିଆସିଛନ୍ତି। ଉକ୍ତ ରାସ୍ତାଦେଇ ମୁର୍ଷୁଣ୍ଡୀରୁ ସମ୍ବଲପୁରକୁ ଯାଉଥିବା ବସ୍ ଓ ସମ୍ବଲପୁରରୁ ମୁର୍ଷୁଣ୍ଡୀକୁ ଆସୁଥିବା ବସ୍



ବୀରମହାରାଜପୁର-ଅମରପାଲି ରାସ୍ତାର ଭୁତିଆପାଲିଠାରେ ଘୁଙ୍ଗିନାଳ ଉପରେ ୪ଫୁଟ ଉଚ୍ଚର ପାଣି ଚାଲିଛି ।

ସମେତ ଅନେକ ଗାଡ଼ିମୋଟର ପାଣି ଯୋଗୁ ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ଅସରାଏ ବର୍ଷା ହେଲେ ଏହି ପୋଲ ଉପରେ ପାଣି ଆସି ଯୋଗାଯୋଗ ବିଚ୍ଛିନ୍ନ କରିଥାଏ। ତେଣୁ ପୋଲକୁ ଅଧିକ ଉଚ୍ଚ କରିବାକୁ ଦାବି ହେଉଛି। ଏହା ସହ

**ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ**

ଖଣ୍ଡହତା-ବୀରମହାରାଜପୁର ରାସ୍ତାର ଚୌକାଠାରେ ମଧ ଘୁଙ୍ଗିନାଳ ଉପର ଦେଇ ପାଣି ଯାଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉଭୟ ପୋଲରେ ପାଣି ଯାଉ ଥିବାରୁ ଦୁର୍ଜନଟୈଲା, ବହଳପଦର, ଲୁଡୁରପଙ୍କ, ଖଣ୍ଡହତା, ମୁର୍ଷୁଣ୍ଡୀ ସମେତ ରେଢ଼ାଖୋଲ ବ୍ଲକର ବୀରମହାରାଜପୁର ଉପରେ ନିର୍ଭର କରୁଥିବା ପ୍ରାୟ ୫-୬ଟି ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ବୀରମହାରାଜପୁର-ରେଢ଼ାଖୋଲ ରାସ୍ତାର ପିତାମହୁଲଠାରେ ବାଉରୀଯୋର ଉପରେ ପାଣି ଚାଲିଛି । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।



"ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଗୁଡ଼ଭେଲା,୨୯।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଡୁଙ୍ଗିବହାଲ ଗ୍ରାମର ଜଗଦୀଶ ଦାଶ (୨୧) ନାମକ ଜଣେ ଯୁବକଙ୍କ ସୋମବାର ବିଦ୍ୟୁତ୍ ଆହାତରେ ମୃତ୍ୟୁ ଘଟିଛି। ଜଗଦୀଶ ଅପରାହ୍ନ ପ୍ରାୟ ୨ଟାରେ ନିଜ ଘରେ ଖରାପ ହୋଇଥିବା ବିଦ୍ୟୁତ୍ ତାରକୁ ସଜାଡୁଥିବା ବେଳେ ହଠାତ୍ ସଂସ୍ପର୍ଶରେ ଆସିଯାଇଥିଲେ । କରେଣ୍ଟରେ ସେ ଅଚେତ ହୋଇଯାଇଥିବାରୁ ତାଙ୍କୁ ତୁଷୁରା ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତୁଷୁରା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୯)ରୁଜୁ କରିଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗର୍ତ୍ତରେ ପଡ଼ିଲା ବାଇକ, ୨ ଗୁରୁତର

**ଲୋଇସିଂହା,୨୯।୭(ଡି.ଏନ.ଏ.):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର କୁଣଙ୍ଗାଇ ପୋଲ ନିକଟରେ ଏକ ଗର୍ତ୍ତରେ ପଡି ଦୁଇଜଣ ବାଇକ ଆରୋହୀ ସୋମବାର ସନ୍ଧ୍ୟାରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲୋଇସିଂହା ଥାନା ଗୋପାଳପୁର ଗାଁର ଆନନ୍ଦ ସାହୁ (୩୦) ଏବଂ ବଦ୍ରିନାରାୟଣ ଭୋଇ(୩୦) । ଗୁରୁତର ଆନନ୍ଦଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆନନ୍ଦ ଏବଂ ବଦ୍ରିନାରାୟଣ କୌଣସି କାମରେ ବଲାଙ୍ଗୀର ଯାଇ ଲୋଇସିଂହା ଫେରୁଥିବାବେଳେ ପୋଲ ନିକଟ ଏକ ଗର୍ତ୍ତରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ରାଜପଥରେ ଯାଉଥିବା ଯାତ୍ରୀମାନେ ସେମାନଙ୍କୁ ଉଦ୍ଧାର କର ୧୦୮ ଆମ୍ୱୁଲାନ୍ସ ଯୋଗେ ଲୋଇସିଂହା ଡାକ୍ତରଖାନା ପଠାଇଥିଲେ । ଆନନ୍ଦଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ବଲାଙ୍ଗୀର ପଠାଇଯାଇଛି ।

### ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

**ଗୁଡ଼ଭେଲା,୨୯।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ, ପ୍ରବନ୍ଧ, ସଙ୍ଗୀତ, ବକ୍ତୃତ୍ୱ ପ୍ରତିଯୋଗିତା ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରିକି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସ୍କୁଲସ୍ତରରେ ମିଳିତ ମାର୍ଚ୍ଚ ଫାଷ୍ଟ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ସ୍କୁଲ, କଲେଜ, ଅନୁଷ୍ଠାନ ଓ ଗଣମାଧମ ପ୍ରତିନିଧି ଭାଗ ନେଇଥିଲେ।

### ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କ ଶାଖାରେ ଚୋରି ଉଦ୍ୟମ

**ଲାଠୋର, ୨୯।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କ ଶାଖାରେ ଗତ ରାତିରେ ଚୋରି ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କ ଲୁହା ଗ୍ରିଲରେ ଲାଗିଥିବା ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଏଟିଏମକୁ ଭାଙ୍ଗି କେସ ଚ୍ୟାମ୍ବରରୁ ଟଙ୍କା ନେବାରେ ବିଫଳ ହୋଇଥିଲେ। ପରେ ଲକର ରୁମର କବାଟ ତାଲା ଭାଙ୍ଗି ଭିତରକୁ ଯାଇଥିଲେ ମଧ୍ୟ ଟଙ୍କା ନେବାରେ ବିଫଳ ହୋଇଛନ୍ତି। ମ୍ୟାନେଜର ପବନ କୁମାର ମିନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରି ପରେ ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ଫୁଟେଜରୁ ହାତରେ ଗ୍ଲୋବ ଓ ମୁହଁରେ କପଡା ଢାଙ୍କି ଜଣେ ଲୋକ ଲୁହାରଡ ଧରି ପଶିଥିବା ଦେଖିବାକୁ ମିଳିଥିଲା। ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ. ୬୬/୧୯ )ରୁଜୁ କରାଯାଇ ତଦନ୍ତ ଚାଲିଥିବା ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ଏହି ଘଟଣାରେ ଜଣଙ୍କୁ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲଥିବାସେ କହିଛନ୍ତି।

### ଟ୍ରାକ୍ଟର ଓଲଟି ୨ଶ୍ରମିକ ଗୁରୁତର

**ପୁରୁଣାକଟକ, ୨୯।୭(ଡି.ଏନ.ଏ.):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖଣ୍ଡହତା ଛକରେ ସୋମବାର ସନ୍ଧ୍ୟାରେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ୨ଜଣ ଶ୍ରମିକ ଗୁରୁତର ହୋଇଥିଲେ। ସେମାନେ ହେଲେ ହିନ୍ଦ ଏକ୍କା ଓ ଶ୍ୟାମ ଟିଙ୍ଗା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ଡାକ୍ତରଖାନାକୁ ପଠାଯାଇଛି।

ପ୍ରାଥମିକ ବିଦ୍ୟାଳୟ କୋଠା ଶୋଚନୀୟ

# ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ମୁରିବାହାଲ,୨୯।୭(ଡି.ଏନ.ଏ.)**



ମୁରିବାହାଲ-ବଲାଙ୍ଗୀର ମୁଖ୍ୟରାସ୍ତାକୁ ଆନ୍ଦୋଳନକାରୀ ଅବରୋଧ କରିଛନ୍ତି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଅବସ୍ଥାରେ ସୁଧାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦ କରି ସୋମବାର ସକାଳ ୬ଟାରୁ ଅଭିଭାବକ, ଗ୍ରାମବାସୀ ଓ ଏସ୍‌ଏଚ୍‌ଜି ମହିଳାମାନେ ସ୍କୁଲ ସମ୍ମୁଖ ମୁରିବାହାଲ-ବଲାଙ୍ଗୀର ମୁଖ୍ୟରାସ୍ତାକୁ ୪ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଥିଲା। ରାସ୍ତାରୋକୋ ଆନ୍ଦୋଳନକାରୀ କହିଥିଲେ ଯେ, ଗ୍ରାମର ପ୍ରାଥମିକ ବିଦ୍ୟାଳୟ କୋଠାର ଦୁଇଟି ଯାକ ଶ୍ରେଣୀ କୋଠରୀ ଅନେକ ବର୍ଷ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷାରେ ଛାତରୁ ପାଣି ଝରୁଛି। କାନ୍ଥ ଫାଟିଯାଇଥିବାରୁ କେଉଁ ସମୟରେ ଭାଙ୍ଗି ଯାଇପାରେ। ଏହି ସମସ୍ୟାକୁ ନେଇ ଗତ ୫ବର୍ଷ ଧରି ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଜଣାଇଥିଲେ ବି ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ସେମାନେ କହିଛନ୍ତି। ତେଣୁ ସେମାନେ ବାଧ ହୋଇ ରାସ୍ତାରୋକୋ କରିଛନ୍ତି। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏବେ ୯୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ବିଦ୍ୟାଳୟ କୋଠା ଶୋଚନୀୟ ହୋଇପଡ଼ିଥିବାରୁ ଦିନକୁ ଦିନ ଏଠାରେ ଶିକ୍ଷାଗ୍ରହଣ କରିବା ପାଇଁ ପିଲାମାନେ କୁଣ୍ଠାବୋଧ କରୁଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ରାସ୍ତାରୋକୋ ଖବର ପାଇ ମୁରିବାହାଲ ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ବରିଆ, ଏଏସ୍‌ଆଇ ବି.ଏନ୍. ରାଉତ ଓ ବାନ୍ଧୁପଲା ସରପଞ୍ଚ ସୀମାସିନୀ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମସଭାରେ ଉକ୍ତ ବିଦ୍ୟାଳୟ ମରାମତି ପାଇଁ ପ୍ରସ୍ତାବ ଗୃହୀତ କରାଯାଉଛି ବୋଲି ସରପଞ୍ଚ ମହାନନ୍ଦ ଜଣାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଆନ୍ଦୋଳନର ନେତୃତ୍ୱ ପଞ୍ଚାୟତର ନାଏବ ସରପଞ୍ଚ ଖୁସିରାମ ପ୍ରଧାନୀ, ମଧୁବନ ନାଏକ, ଋଷି ପ୍ରଧାନୀ, ଆହ୍ଲାଦିନୀ ପ୍ରଧାନୀ, ସୁନୀତା ମାଝୀ, ଦୁଖୀରାମ ପ୍ରଧାନୀ, କଳାକାହ୍ନୁ ମହାନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏ ନେଇ ମୁରିବାହାଲ ବିଇଓ ଜଗନ୍ନାଥ ଧରୁଆଙ୍କୁ ପଚାରିବାରୁ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଜିଲା ପ୍ରଶାସନକୁ ଜଣାଇଛି ବୋଲି କହିଛନ୍ତି।

### ଦିନକରେ ୪୮ ମିମି ବର୍ଷା, ଚାଷୀ ତତ୍ପର

**ଲୋଇସିଂହା,୨୯।୭(ଡି.ଏନ.ଏ)**

ଦୀର୍ଘ ଦିନ ବର୍ଷା ହୋଇ ନ ଥିବାରୁ ଚାଷ ଜମିଫାଟି ଆଁ କରିଥିଲା। ରବିବାର ରାତିରେ ୪୮ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷାପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଚାଷୀ ତତ୍ପର ହୋଇ ପଡିଛନ୍ତି। ହାତବାନ୍ଧି ବସିଥିବା ଚାଷୀ କ୍ଷେତମୁହାଁ ହୋଇଛି। ଚଳିତ ବର୍ଷ ବିଳମ୍ୱରେ ମୌସୁମୀ ଓଡିଶା ଛୁଇଁଥିଲା । ଏହାର ପ୍ରଭାବରେ ଦୁଇଦିନ ଲଘୁଚାପଜନିତ ବର୍ଷା ହୋଇଥିଲା। ଏହାପରେ ବ୍ଲକର ଅଞ୍ଚଳରେ ଧାନବୁଣା ଏବଂ ତଳିପକା କାମ ସରିଥିଲା । ଏହାପରଠାରୁ ବର୍ଷା ଉଭାନ ହୋଇଯାଇଥିଲା। ବର୍ଷା ଅଭାବରୁ ବୁଣାଧାନ ଏବଂ ତଳିଘେରା ପହ୍ଲା ସବୁ ମରିଯାଉଥିବାରୁ ଚାଷୀ ଚିନ୍ତିତ ହୋଇ ପଡିଥିଲେ। ନିଅଣ୍ଟିଆ ବର୍ଷା ଯୋଗୁ ବ୍ଲକର ୫୦ପ୍ରତିଶତ ଚାଷ ଜମି ପଡିଆ ପଡିଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଥିଲା । ଯାହାବି ଚାଷ ହୋଇଥିଲା ତାକୁ ରକ୍ଷା କରିବା ପାଇଁ ବର୍ଷାକୁ ଚାତକ ପରି ଅନାଇ ରହିଥିଲା । ରବିବାର ରାତିରୁ ସୋମବାର ସକାଳ ଯାଏ ଟୁହାକୁଟୁହା ବର୍ଷା ଲାଗି ରହିଥିଲା। ତେବେ ବର୍ଷା ଲାଗି ନ ରହିଲେ ଚାଷ ହେବା ଅସମ୍ଭବ ବୋଲି ଚାଷୀମାନେ ମତ ଦେଇଛନ୍ତି।

## ଓଷ୍ଟା ବଲାଙ୍ଗୀରର କାର୍ଯ୍ୟକାରିଣୀ ବୈଠକ

### ୨୦୧୯ ଶିକ୍ଷାନୀତିରେ ତ୍ରୁଟି ସଂଶୋଧନ ନେଇ ଆଲୋଚନା

**ବଲାଙ୍ଗୀର ଅଫିସ, ୨୯।୭**

ଓଷ୍ଟା ବଲାଙ୍ଗୀରର ଶାଖାର କାର୍ଯ୍ୟକାରିଣୀ ବୈଠକ ସଭାପତି ଛାୟାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି କିଭଳି ହୋଇପାରିବ ସେନେଇ ସଭାରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି-୧୯ ପ୍ରଚଳନ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ଏହାକୁ ସ୍ୱାଗତ କରିବା ଓ ଏଥିରେ ଥିବା ତ୍ରୁଟି ସଂଶୋଧନ କରିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଏହି ବିଷୟରେ ଏକ ଚିଠି ପ୍ରସ୍ତାବ ଗୃହୀତ କରାଯାଇ ରାଜ୍ୟ ସରକାରଙ୍କ ପାଖକୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ବଲାଙ୍ଗୀର ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଚାଲିଥିବା ଅନେକ ଅନିୟମିତତା ସମ୍ପର୍କରେ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଭିନ୍ନ ସମୟରେ ଅନିୟମିତତା ସମ୍ପର୍କରେ ଗୃହରେ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା ଶିକ୍ଷା ଅଧିକାରୀ ଏହାର ସମାଧାନ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଯୋଗାଇଥିବା ଲାଇବ୍ରେରୀ ଅନୁଦାନ, ମୋ ସ୍କୁଲ ଅଭିଯାନ, ଖେଳ, ବିଜ୍ଞାନ, ଦରମାର ଅନିୟମିତତା ଇନ୍‌କ୍ରିମେଣ୍ଟ ଅନୁମୋଦନ, ଗୁଣାତ୍ମକ ଶିକ୍ଷାର ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରତିରୋଧ କରିବା ପାଇଁ ଅପଚେଷ୍ଟା ଚଳାଉଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ସଂକ୍ରାନ୍ତରେ ପୂର୍ବରୁ ଲିଖିତ ଭାବରେ ଜିଲାପାଳ ଓ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ଏବିଷୟରେ ଆଲୋଚନା ପାଇଁ ସମ୍ମତି ଜଣାଇଥିଲା ସୁଦ୍ଧା ଆଜି ପର୍ଯ୍ୟନ୍ତ ଧ୍ୟାନଦେଲେ ନାହିଁ କିମ୍ୱା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଦିଗରେ ଆଶୁ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଜିଲା ସମ୍ପାଦକ କୁଶଧ୍ୱଜ ସାହୁ, ରାଜ୍ୟ ପର୍ଯ୍ୟବେକ୍ଷକ ସତ୍ୟନାରାୟଣ ତ୍ରିପାଠୀ, ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ପୁରନ୍ଦର ଦାସ, ସୁଧାଂଶୁ ବାବୁ, ଜଳନ୍ଧର ମହାକୁଡ, ରଶ୍ମିତା ମିଶ୍ର ଚେତାବନୀ ଦେଇଥିଲେ ।

### ଶୈବପୀଠରେ ବୋଲବମ ଭକ୍ତଙ୍କ ଭିଡ଼

**ଲୋଇସିଂହା,୨୯।୭(ଡି.ଏନ.ଏ.)**

ଶ୍ରାବଣ ଦ୍ୱିତୀୟ ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଯୋଗେଶ୍ୱର ବାବା, ବୁର୍ଡା ସ୍ୱପ୍ନେଶ୍ୱର ବାବା, ସାନଟିକା ଜଳେଶ୍ୱର ପୀଠ, ଲୋଇସିଂହା, ବଡଟିକା ପ୍ରଭୃତି ଶୈବକ୍ଷେତ୍ରରେ ଜଳଲାଗି ପାଇଁ ବୋଲବମ ଭକ୍ତଙ୍କ ଭିଡ ଲାଗିଥିଲା । ରବିବାର ରାତିରୁ ସୋମବାର ସକାଳ ଯାଏ ହୋଇଥିବା ବର୍ଷାରେ ଭିଜ ସେମାନେ ଜଳଲାଗି କରିଥିଲେ। ଏହିସବୁ ପୀଠରେ ବିଳମ୍ୱିତ ରାତିରୁ ସମସ୍ତ ନୀତିକାନ୍ତି ସାରି ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମନ୍ଦିର କମିଟି, ଗ୍ରାମ୍ୟ କମିଟି ସଦସ୍ୟ ଏବଂ ପୋଲିସ ସୁରକ୍ଷା ବାହିନୀ ନିୟୋଜିତ ହୋଇ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଇଥିଲେ ।




ଚାମ୍ପିୟନ ଟ୍ରଫି ସହ ପ୍ରତିଯୋଗୀମାନେ।

ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ

### ସେଣ୍ଟ ଆନି ସ୍କୁଲ ଚାମ୍ପିୟନ

**ଟିଟିଲାଗଡ, ୨୯।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ସେଣ୍ଟ ଆନି ସ୍କୁଲ ଆଇସିଏସଇ ବିଦ୍ୟାଳୟ ସମୂହର ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଜାତୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛି। ଗତ ୨୭ତାରିଖରେ କୋରାପୁଟ ଜିଲା ସେମିଳିଗୁଡ଼ାଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଖେଳ ଶିକ୍ଷକ କେଶବ ସାହୁଙ୍କ ଉନ୍ନତ ମାନର ପ୍ରଶିକ୍ଷଣ ଯୋଗୁଁ ଏହା ସମ୍ଭବ ହୋଇପାରିଥିବା ଅଧ୍ୟକ୍ଷା ସିଷ୍ଟର ବୀଣା ଭରଗିସ କହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ସେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରତିଯୋଗୀମାନଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

## ଭାରତୀୟ କିଷାନ ସଂଘର ଦାବିପତ୍ର ପ୍ରଦାନ

**ଟିକ୍ରାପଡା/ସଇଁତଳା, ୨୯।୭(ଡି.ଏନ.ଏ.)**




ଭାରତୀୟ କିଷାନ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ସଇଁତଳାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭାରତୀୟ କିଷାନ ସଂଘ, ବ୍ଲକ ଶାଖା ତରଫରୁ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ୱଳିତ ୧୨ଦଫା ସମ୍ୱଳିତ ଦାବିପତ୍ର ଜିଲାପାଳଙ୍କୁ ସୋମବାର ପ୍ରଦାନ କରାଯାଇଛି । ଏଥିରେ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ସାମିଲ ହୋଇଥିଲେ। କିଶାନ ସଂଘ ରାଜ୍ୟ ସଭାପତି ରାଧାକୃଷ୍ଣ ମେହେର, ବ୍ଲକ ସଭାପତି ନାଜିର ଭୋଇ, ବ୍ଲକ ସଂଯୋଜକ ମୋହନ ନାଏକ, ପ୍ରେମ କଠାର, ଧ୍ରୁବଳେଶ୍ୱର ବାରିକ, ବ୍ରହ୍ମା ଦନ୍ତା, ଅନନ୍ତ ମହାକୁର, ସାର୍ଦ୍ଦୁଳ ଭୋଇ, ଚନ୍ଦ୍ର ବର୍ଗର୍ତ୍ତି, ତପନ ବୁଡେକ ପ୍ରମୁଖ ଚାଷୀଙ୍କ ନେତୃତ୍ୱ ନେଇଥିଲେ। ୨୦୧୫, ୨୦୧୭-୧୮, ୨୦୧୮-୧୯ର ଇନପୁଟ ସବ୍‌ସିଡି, ୨୦୧୮-୧୯ କୃଷି ବୀମା, କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ଯୋଜନା ସହାୟତା ରାଶି ଅର୍ଦ୍ଧାଧିକ ଚାଷୀ ପାଇ ନ ଥିବା ଯୋଗୁଁ ସେମାନଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଥିଲା। କୃଷି ବିଭାଗର ବିଭିନ୍ନ ସରକାରୀ ସହାୟତା ଓ ପ୍ରୋତ୍ସାହନ ଚାଷୀଙ୍କୁ ମିଳୁ ନାହିଁ । ବ୍ରାହ୍ମଣୀଜୋର, ଲାଣ୍ଠ ନଦୀକୂଳ ଖାଉଥିବା ଯୋଗୁଁ ପଥର ପ୍ୟାକିଂ କରାଯିବା, ଉସ୍ତାଲି ପ୍ରୋଜେକ୍ଟର ପାଣି ଜମିକୁ ପହଞ୍ଚୁ ନ ଥିଲେ ମଧ ଜଳକର ଆଦାୟ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଚାଷୀଙ୍କ ଦାବିକୁ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଅରିନ୍ଦମ ଡାକୁଆ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଟିକ୍ରାପଡା, ୨୯।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲାଠାରେ ଜିଲାପାଳ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଉପଜିଲାପାଳ ସୁଧାକର ନାଏକ, ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ସଇଁତଲା ବ୍ଲକ ଅଧକ୍ଷା ମମତା ମଲ୍ଲିକ, ବିଡିଓ ପ୍ରଦୀପ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବିଜୁଳି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା ସମେତ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଲୋକେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ।

ଧରାପଡିଲା ସରକାରଙ୍କ ନିର୍ବାଚନୀ ଘୋଷଣା

# ଆସନ୍ତା ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟାରମ୍ଭ

- ମନ୍ତ୍ରୀ-ସଚିବଙ୍କୁ ଭେଟିବା ପରେ ମିଳିଲା ସୂଚନା
- ନଭେମ୍ବର-ଡିସେମ୍ବରରେ କଲେଜର ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି
- ବିଶ୍ୱବିଦ୍ୟାଳୟ ସାଇନ୍‌ବୋର୍ଡରେ ଚାଲିଛି କଲେଜ ପାଠ

**ବଲାଙ୍ଗୀର ଅଫିସ, ୨୯।୭**

ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିବା ନେଇ ଗତ ମାର୍ଚ୍ଚ ୨ ତାରିଖ ଦିନ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । ଏହାପୂର୍ବରୁ ବଲାଙ୍ଗୀରଠାରେ ଆୟୋଜିତ ବିଜୁ ଯୁବବାହିନୀର ଆଞ୍ଚଳିକ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାର ସକରାତ୍ମକ ଚିନ୍ତା କରୁଥିବା ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଏବଂ ଉଚ୍ଚଶିକ୍ଷା ବିଭାଗର ନୋଟିସ ପରେ ବଲାଙ୍ଗୀରବାସୀଙ୍କ ଦୀର୍ଘଦିନର ଦାବି ଶୀଘ୍ର ପୂରଣ ହେବ ବୋଲି ଆଶା କରାଯାଇଥିଲା । ମାତ୍ର ଚଳିତ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆରମ୍ଭ ହେବା ନେଇ କୌଣସି ପ୍ରକ୍ରିୟା ଆରମ୍ଭ ନ ହେବାରୁ ନିର୍ବାଚନ ପୂର୍ବରୁ ସରକାରଙ୍କ ଉକ୍ତ ଘୋଷଣାକୁ ନେଇ ନାନା ସନ୍ଦେହ ଉପୁଜି ଥିଲା । ସୋମବାର ରାଜେନ୍ଦ୍ର ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ୍‌ର ଏକ ଟିମ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସଚିବଙ୍କୁ ଭେଟିବା ପରେ ଏହି ସନ୍ଦେହ ସତ୍ୟରେ ପରିଣତ ହୋଇଛି । ଚଳିତବର୍ଷ ଆଉ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆରମ୍ଭ ହେବନାହିଁ । ଆସନ୍ତା ଶିକ୍ଷାବର୍ଷରେ ଯାଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଓ ସଚିବ ଆଲୁମ୍ନି ଆସୋସିଏଶନ୍ ସଦସ୍ୟଙ୍କୁ ସୂଚନା ଦେଇଥିବା ଜଣାପଡ଼ିଛି।

ଗତ ୧୫ ତାରିଖ ଧରିତ୍ରୀରେ ସାଇନ୍‌ବୋର୍ଡରେ ସୀମିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା । ସରକାରଙ୍କ ଘୋଷଣା ସତ୍ତ୍ୱେ ଚଳିତ ଶିକ୍ଷାବର୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଏନେଇ ସନ୍ଦେହ ଜାତ ହୋଇଥିଲା । ନିର୍ବାଚନ ପୂର୍ବରୁ ସରକାର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ତରବରିଆ ଘୋଷଣା କରି ବାହାବା ନେବାକୁ ଚେଷ୍ଟା କରିଥିଲେ । ଖାଲି ଏତିକି ନୁହେଁ ନିର୍ବାଚନୀ ଆଚରଣବିଧି ଲାଗିବା ପୂର୍ବରୁ ତରବରିଆ ଭାବେ ରାଜେନ୍ଦ୍ର କଲେଜ ଗେଟ୍‌ରେ ଏବଂ କଲେଜ ପ୍ରଶାସନିକ ଭବନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲେଖାଥିବା ସାଇନ୍‌ବୋର୍ଡ ମଧ ଲଗାଇ ଦେଇଥିଲେ। ଏବେ ଏସବୁ ଧରାପଡିଯାଇଛି । ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର କଲେଜ ପ୍ରତି ଏବଂ ଏହି ଅଞ୍ଚଳବାସୀଙ୍କ ପ୍ରତି ରାଜ୍ୟ ସରକାର ପୁଣି ଥରେ ପ୍ରତାରଣା କରିଥିବା ଚର୍ଚ୍ଚାର ବିଷୟ ହୋଇଛି।

ରାଜେନ୍ଦ୍ର ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ ଏବଂ ସମ୍ପାଦକ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ସୋମବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଉଚ୍ଚ ଶିକ୍ଷା ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ଭୁବନେଶ୍ୱରରେ ସାକ୍ଷାତ କରି ରାଜେନ୍ଦ୍ର ବିଶ୍ୱିଦ୍ୟାଳୟର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ମନ୍ତ୍ରୀ ସାହୁ ଓ ସଚିବ ମିଶ୍ର ଆଗାମୀ ଶିକ୍ଷାବର୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ ଓ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ । ମାର୍ଚ୍ଚ ୨ରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ନୋଟିସ ପ୍ରକାଶ କରାଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୀମା ବିଭାଜିତ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଗଠନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ତେବେ ରେଭେନ୍‌ସା ଓ ଜିଏମ୍ ଢାଞ୍ଚାରେ ରାଜେନ୍ଦ୍ର କଲେଜକୁ ଉନ୍ନୀତ କରି ଏକକ ବିଶ୍ୱବିଦ୍ୟାଳୟ କରାଯିବ ନାଁ ପୃଥକ୍ ଆଫିଲିଏଟିଂ ବିଶ୍ୱବିଦ୍ୟାଳୟ କରାଯିବ ସେନେଇ ଦ୍ୱନ୍ଦ୍ୱ ଦୂର କରାଯାଇ ଖୁବ୍ ଶୀଘ୍ର ଏକ ସଂଶୋଧନ ସୂଚକ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସୂଚନା ମିଳିଥିବା ଜଣାପଡ଼ିଛି । ବଲାଙ୍ଗୀର ଭଳି କଳାହାଣ୍ଡିଠାରେ ମଧ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଓ ସଚିବ ସୂଚନା ଦେଇଥିବା ଜଣାପଡ଼ିଛି। ଏହାଛଡା ନୂଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିବାକୁ କୁଳପତି, କୁଳସଚିବ, ପରୀକ୍ଷା ଓ ବିତ୍ତ ନିୟନ୍ତ୍ରକ ପଦବୀରେ ନିଯୁକ୍ତି ଦିଆଯିବା ପ୍ରକ୍ରିୟା ଚଳିତ କ୍ୟାଲେଣ୍ଡର ବର୍ଷ ଶେଷ ସୁଦ୍ଧା ଶେଷ ପରାଯିବ ବୋଲି ସୂଚନା ଦିଆଯାଇଛି । ଏହା ସହିତ ୭୫ ବର୍ଷରେ ପହଞ୍ଚିଥିବା ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବୁଲି ପାଳନ କରିବାକୁ ନେଇ ଓ ବହୁପ୍ରତୀକ୍ଷିତ ପ୍ରେକ୍ଷାଳୟ ନିର୍ମାଣକୁ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାପରେ ଏହି ଟିମ୍ ସଦସ୍ୟମାନେ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ମୁକେଶ ମହାଲିଙ୍ଗ ଓ କଲେଜର ପୁରାତନ ଛାତ୍ର ତଥା ଅତିରିକ୍ତ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ଭେଟି ସହଯୋଗ ଲୋଡିଥିଲେ। ଏହି ଟିମ୍‌ରେ ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ସଭାପତି ହରି ନାରାୟଣ ପୂଜାରୀ, ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ରତନ ମହାରଣା, ମନରଞ୍ଜନ ଯୋଷୀ ଓ ପ୍ରଭାସ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଆସନ୍ତା ୧୮ରେ ରାଜେନ୍ଦ୍ର କଲେଜର ଆଲୁମ୍ନି ଆସୋସିଏଶନ୍‌ର ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

**ବଡଗାଁ,୨୯।୭ (ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ବଡଗାଁ ଲଟିପଡ଼ାରେ ମଦ ଜନିତ ମୃତ୍ୟୁ ଘଟଣା ପରେ ପୋଲିସ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ଚଢାଉ ଜାରି ରହିଛି। ଏକମା ଗ୍ରାମରେ ବେଆଇନ ମଦ କାରବାର ହେଉଥିବା ନେଇ ବଡଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତ ଦାସଙ୍କୁ ଖବର ମିଳିଥିଲା। ଥାନା ଆଇଆଇସି ଦାସଙ୍କ ନେତୃତ୍ୱରେ ପୋଲିସ ଅଧିକାରୀମାନେ ଏକମା ଗ୍ରାମରେ ଚଢାଉ କରି ଗଣେଶ ମାଝିଙ୍କ ଘରୁ ୬ଲିଟର ଦେଶି ମଦ ଜବତ କରିଥିଲେ। ଏନେଇ ବଡଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ଗଣେଶଙ୍କୁ ଗିରଫ କରିଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୨୯।୭ (ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅଧୀନ ନିଶ୍ଚିତପୁର ଗ୍ରାମରେ ରବିବାର ରାତିରେ ଏକ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଶ୍ମୀ କିଷାନ(୪୦)। ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ରଶ୍ମୀ ଘରେ ଶୋଇଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଲହୁଣିପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଶ୍ମୀଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣିପଡ଼ା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଲହୁଣିପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



### ଚାରା ରୋପଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୯।୭ (ଡି.ଏନ୍.ଏ.)-** ଲକ୍ଷେଘର ସମାଜ ପକ୍ଷରୁ ବଡବଙ୍ଗା ନିକଟବର୍ତ୍ତୀ ଝାରଗାଁରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜାତୀୟ ଅନୁସୂଚିତ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀଷ୍ମଦେବ ତାଣ୍ଡିଆ, ସୁଶୀଲ ବାଗ, ସୁନୀଲ ମହାନନ୍ଦିଆଙ୍କ ସମେତ ବନବିଭାଗର ଅଧିକାରୀମାନେ ଯୋଗଦେଇ ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଦିଗରେ ଯୁବପିଢି ଆଗଭର ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ସଂରକ୍ଷିତ ଜଙ୍ଗଲରେ ଅବାଧ ମକାଚାଷ

**ଭବାନୀପାଟଣା/କୋକସରା, ୨୯।୭ (ସ୍ୱ.ପ୍ର./ଡି.ଏନ.ଏ.)**

- ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ
- ନିଦାବିଷ୍ଣୁ ସାଜିଛି ବନବିଭାଗ



ଜଙ୍ଗଲ କାଟି ମକାଚାଷ କରାଯାଇଛି।

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଧର୍ମଗଡ ଅଧୀନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଗତ କିଛିବର୍ଷ ହେବ ଅବାଧରେ ମକାଚାଷ କରାଯାଉଥିବା ଦେଖିବାକୁ ମିଳିଛି । ଏଥିପ୍ରତି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଳାହାଣ୍ଡି-ନବରଙ୍ଗପୁର ଜିଲା ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଆମପାଣି ବନ ବିଭାଗ ଅଧୀନରେ ରହିଛି। ଏଠାରେ କୁଟ୍ରୁ, କନ୍ଦାଗଡ, ବିରିମୁହାଣ ବିଟରେ ରହିଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଗତ କିଛି ବର୍ଷ ପୂର୍ବରୁ ପଡୋଶୀ ରାୟଗଡା, କଲ୍ୟାଣସିଂପୁର, କାଶିପୁର ଓ କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଅନୁପ୍ରବେଶ କରି ଅନାଧିକୃତ ଭାବେ ଜଙ୍ଗଲ ମଧ୍ୟରେ ବସତି ସ୍ଥାପନ କରି ରହି ଆସୁଛନ୍ତି । ସେହିପରି ସର୍ଗିପାନି, ଗିରଲିମାଲ, ଲେକାଆମ, ଛକପଡା, ଆନ୍ଧିଝରଣ, ଟିର୍ଲିଆମ ଓ ଗାଇବନ୍ଧା ଆଦି ଗ୍ରାମରେ ମଧ ଦୀର୍ଘବର୍ଷ ହେବ ବସତି କରି ରହିଆସୁଛନ୍ତି। ଜଙ୍ଗଲରେ ଜୀବନଜୀବିକା ଖୋଜି ନିଜର ଆବଶ୍ୟକତା ଓ ଗୁଜୁରାଣ ମେଣ୍ଟାଉଥିବାବେଳେ ଗତକିଛି ବର୍ଷ ହେବ ଜଙ୍ଗଲକୁ ଖରାଦିନରେ ନିଆଁ ଲଗାଇ ପୋଡୁଚାଷ କରୁଥିବା ବେଳେ ବର୍ଷାଦିନରେ ଶହଶହ ହେକ୍ଟର ଜଙ୍ଗଲରେ ଅବାଧରେ ମକାଚାଷ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ମକାଚାଷ ହେଉ ନ ଥିବା ବେଳେ ଗତ ୭ ରୁ ୮ ବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ବସତି ସ୍ଥାପନ କରିଥିବା ଆଦିବାସୀମାନଙ୍କୁ ସ୍ଥାନୀୟ ସାହୁକାରମାନେ ବିହନ, ଖତସାରଠାରୁ ଅର୍ଥ ମଧ୍ୟ ଯୋଗାଇ ଦେଉଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ମକା ଅମଳ ହେବା ପରେ ସେମାନେ ମକାକୁ ସଂଗ୍ରହ କରି ଅର୍ଥ ରୋଜଗାରର ବାଟ ଖୋଲି ମାଲମାଲ ହେଉଛନ୍ତି । ସେହିପରି ବେହେରା ଅଧୀନ ଭୁର୍ଷାଗୁଡା ବିଟ ଅଧୀନରେ ଥିବା ଖଲିଗଡ, ସମେତ ଡୋକରିଚଞ୍ଚରାକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତା ଦୁଇକଡରେ ମଧ ଅବାଧ ମକାଚାଷ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଆମପାଣି ସେକ୍ସନ ଅଧୀନରେ ଥିବା ଦାବ୍ରିଗୁଡା ବିଟ ଜଙ୍ଗଲ ମଧ୍ୟରେ ମଧ ସ୍ଥାନୀୟ ଅଧିବାସୀମାନେ ଅବାଧରେ ମକାଚାଷ କରୁଥିବା ଦେଖିବାକୁ ମିଳିଛି । ଜଙ୍ଗଲ ବିଭାଗ ଅଧିକାରୀଙ୍କ ଜ୍ଞାତସାରରେ ଏଭଳି ଜଙ୍ଗଲ କଟା ଚାଲିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ୧୨୭୨୨ ହେକ୍ଟର ପରିମିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲକୁ ଯଦି ବନ ବିଭାଗ ଏବେଠୁଁ ସୁରକ୍ଷା ନ ଦିଏ, ତାହେଲେ ଆଗାମୀ କେତେବର୍ଷ ମଧ୍ୟରେ ସାହାଜଖୋଲ ଜଙ୍ଗଲ ଏକ ଲଣ୍ଡା ପାହାଡରେ ପରିଣତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପରିବେଶବିତମାନେ ଦାବି ଜଣାଇଛନ୍ତି। ଏ ନେଇ ଧର୍ମଗଡ ରେଞ୍ଜର ପ୍ରଦୀପ ଭୋଇଙ୍କୁ ପଚାରିବାରୁ ୨୦୧୬ରେ ଜଙ୍ଗଲ କାଟିବା ଅଭିଯୋଗରେ ୮ ଜଣଙ୍କ ନାରେ ମାମଲା ରୁଜୁହୋଇଥିଲା। ବର୍ତ୍ତମାନ ପୁଣି ଥରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ବର୍ଷାପାଣି ଘରେ ପଶିଲା

**କୋକସରା,୨୯।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତ ସତନାମିପଡ଼ାରେ ଲଘୁଚାପ ଜନିତ ବର୍ଷା ପାଣି ଘରେ ପଶି ସମସ୍ୟା ଦେଖାଦେଇଛି। ସୂଚନା ଅନୁସାରେ ଗତ ୨ ଦିନ ଧରି ଲଘୁଚାପଜନିତ ବର୍ଷା ଲାଗି ରହିଛି। ଟେମରା ସତନାମିପଡ଼ାରେ ବର୍ଷା ପାଣି ପ୍ରାୟ ୨୦ ରୁ ୨୫ ପରିବାର ଘରେ ପଶିବା ଯୋଗୁ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ଟେମରା ଗ୍ରାମରେ ଥିବା ସତନାମି ପଡ଼ାର ବ୍ୟନ୍ଦାବନ ସତନାମି, ଟିକେଚନ ସତନାମି, ଉମେଶ ସତନାମି, ଶଙ୍କର ପ୍ରସାଦ ସତନାମି, ଲଳିତ ସତନାମି, ଲୋଚନ ସତନାମି, କୃଷ୍ଣ ଚନ୍ଦ୍ର ସତନାମି, ରୁପେନ୍ଦ୍ର ସତନାମି, ଟୁକୁନା ସତନାମି, ରତ୍ନାକର ସତନାମି, ଦେବେନ୍ଦ୍ର ସତନାମିଙ୍କ ଘରେ ପାଣି ପଶିଯାଇଛି। ଘରେ ଥିବା ଆସବାବପତ୍ର ସହ ଧାନ ଓ ଚାଉଳ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ଟେମରା ସରପଞ୍ଚ ଗୌରି ଦଳପତିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ସହ ପ୍ରଭାବିତ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।



ଲୋକେ ଘରେ ପଶିଥିବା ବର୍ଷା ପାଣି ବାହାର କରୁଛନ୍ତି ।




କୁମଝରିଆ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ସମ୍ମିଳନୀ।

# ଶିକ୍ଷକ, ଅଭିଭାବକ ସମ୍ମିଳନୀ

**କୁଆଁରମୁଣ୍ଡା,୨୯।୭ (ଡି.ଏନ୍.ଏ.)**

କୁଆଁରମୁଣ୍ଡା ବ୍ଲକ ଅଧୀନ କୁମଝରିଆ ସରକାରୀ ବାଳିକା ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁମଝରିଆ ସରପଞ୍ଚ ବାତିଆ ଲକ୍ରା ଯୋଗଦେଇ ସ୍କୁଲର ପ୍ରଗତି କ୍ଷେତ୍ରରେ ଶିକ୍ଷକ ଏବଂ ଅଭିଭାବକଙ୍କ ସ୍ୱତନ୍ତ୍ର ଦାୟିତ୍ୱ ରହିଥିବା କହିଥିଲେ। ଏପରି କି ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବଜାୟ ରହିଲେ ସ୍କୁଲ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ସରପଞ୍ଚ ଲାକ୍ରା ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ନାଏକ ଅତିଥିଭାବେ ଯୋଗଦେଇ ଶିକ୍ଷାପଦ୍ଧତି ଉପରେ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀମଞ୍ଜରୀ ରଥ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବ୍ରଜକିଶୋର ଶୁକ୍ଳା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା, ମଞ୍ଜୁଲତା କର, ମୁକ୍ତା ପଟେଲ, କମଳିନୀ ମହାନ୍ତି, ଷଷ୍ଠୀ ନାଏକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ।

କଲେଜ ଛାତ୍ରୀ ବଳାତ୍କାର ଘଟଣା

## ବଳାତ୍କାରୀ ମଉସା ଜେଲ୍ ଗଲେ

**ଭବାନୀପାଟଣା,୨୯।୭ (ଡି.ଏନ.ଏ.)**

ଜଣେ କଲେଜ ଛାତ୍ରୀ ବଳାତ୍କାର ଘଟଣାରେ ଜେଲ ଗଲେ ଅଭିଯୁକ୍ତ ମଉସା। ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ଦାସଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ନିଜ ସମ୍ପର୍କୀୟ ମାଉସୀ ଘରେ ରହି ଅଞ୍ଚଳର ଏକ କଲେଜରେ ପାଠ ପଢୁଥିଲେ। ଗତ ୨୫ ତାରିଖ ରାତିରେ ମଉସା ଜଣକ ତାଙ୍କୁ ବଳାତ୍କାର କରିଥିବା ଛାତ୍ରୀ ଜଣକ ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ମଉସା ଚିତ୍ତରଞ୍ଜନ ଦାସଙ୍କୁ ଅଟକ ରଖି ଜେରା କରିଥିଲା। ପରେ ଚିତ୍ତରଞ୍ଜନଙ୍କୁ ଗିରଫ କରି ଭବାନୀପାଟଣା ଅତିରିକ୍ତ ଜିଲା ଜଜ୍ କୋର୍ଟକୁ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କ ଡାକ୍ତରୀ ମାଇନ ପରେ ଜିଲା ଶିଶୁ ମଙ୍ଗଳ ସମିତିରେ ଦାଖଲ କରି ସ୍ଥାନୀୟ ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଛି।

ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

# କଚାରୁ ହାଇସ୍କୁଲ ପ୍ରଥମ

**କୁଆଁରମୁଣ୍ଡା,୨୯।୭ (ଡି.ଏନ୍.ଏ.)**



ଅତିଥିମାନେ ପ୍ରଥମ ସ୍ଥାନ ହାସଲ କରିଥିବା କଚାରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ସମାଜରୁ ଅନ୍ଧ ବିଶ୍ୱାସ ଦୂର କରି ପ୍ରତ୍ୟେକ ଘଟଣା ଓ କାର୍ଯ୍ୟର ବିଜ୍ଞାନ ସମ୍ମତ ଦିଗ ଉପରେ ଗୁରୁତ୍ୱ ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଆୟୋଜିତ ହେଉଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଏପରି କି ଗ୍ରାମରେ ଅନ୍ଧବିଶ୍ୱାସ ପ୍ରତି ଲୋକେ ସତର୍କ ହୋଇପାରିବେ। ଫଳରେ ସମାଜରେ ଘଟି ଚାଲିଥିବା କୁପରିଣତିକୁ ରୋକାଯାଇପାରିବ। ଗଣଶିକ୍ଷା ବିଭାଗର ଏହି ଲକ୍ଷ୍ୟ ଓ ଆଭିମୁଖ୍ୟକୁ ସଫଳ କରିବା ପାଇଁ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ କୁମ୍‌ଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ୨୪ଟି ହାଇସ୍କୁଲ ମଧ୍ୟରୁ ମାତ୍ର ୫ଟି ହାଇସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି 'ବିଜ୍ଞାନ ଓ ସମାଜ' ବିଷୟ ଉପରେ ଆଧାରିତ ୩୦ ମିନିଟ୍ ଲେଖାଏଁ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ନାଟକଗୁଡିକୁ ବିଜ୍ଞାନ ଶିକ୍ଷୟିତ୍ରୀ କଳ୍ପନା ଗିରି, ବିଜ୍ଞାନ ଶିକ୍ଷକ ଯଦୁମଣି ସାହୁ, ରୁନି ସୁନାନୀ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। କଚାରୁ ହାଇସ୍କୁଲ ପ୍ରଥମ ସ୍ଥାନ ହାସଲ କରି ଚଳିତ ମାସ ୩୧ ତାରିଖରେ ରାଜଗାଙ୍ଗପୁରର ରାଷ୍ଟ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ବିଜ୍ଞାନ ନାଟକ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏପରି କି ପ୍ରଥମ ସ୍ଥାନ ହାସଲ କରିଥିବା କଚାରୁ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ସ୍ଥାନ ହାସଲ କରିଥିବା କୁମଝରିଆ ସରକାରୀ ହାଇସ୍କୁଲ ଓ ତୃତୀୟ ସ୍ଥାନ ହୋଇଥିବା କୁମଝରିଆ ସରକାରୀ ବାଳିକା ହାଇସ୍କୁଲର ପ୍ରତିଯୋଗୀମାନଙ୍କୁ ବିଇଓ ପଧାନ, ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର ପ୍ରମୁଖ ପୁରସ୍କୃତ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ହରିହର ହାଇସ୍କୁଲ, ବୀରମିତ୍ରପୁର ହାଇସ୍କୁଲ, କୁମଝରିଆ ହାଇସ୍କୁଲ, କୁମଝରିଆ ବାଳିକା ହାଇସ୍କୁଲ ଓ କଚାରୁ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜକ କୁମ୍‌ଝରିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ସାମଲଙ୍କ ସଂଯୋଜନାରେ କୁଆଁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଥୋମାସ ତିର୍କୀ ପରିଚାଳନା କରିଥିବା ବେଳେ ଶିକ୍ଷକ ଯୋଗେଶ୍ୱର ରାଏ ଧନ୍ୟବାଦ ଜ୍ଞାପନ କରିଥିଲେ।



ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସାମି ଅଖତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୯।୭ (ଡି.ଏନ୍.ଏ)**

ସୁନ୍ଦରଗଡର ନୂତନ ପବ୍ଲିକ ପ୍ରସିକ୍ୟୁଟର ଭାବେ ଅବଦୁଲ ସାମି ଅଖତର ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଜିଲା ସରକାରୀ ଓକିଲଙ୍କ ଏକ ପ୍ରତିନିଧି ଦଳ ନୂତନ ପବ୍ଲିକ ପ୍ରସିକ୍ୟୁଟର ଅଖତରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ ମହାପାତ୍ର, ଅଶୋକ କୁମାର ସ୍ୱାଇଁ, ଦେବାଶିଷ ମିଶ୍ର, ଦେବାଶିଷ ସିଂ, ରାଜେଶ ଟପ୍ପୋ, କୀର୍ତ୍ତିକୃଷ୍ଣ ସାମନ୍ତରାୟ, ପ୍ରିୟମ୍ବଦା ନାଏକ, ପ୍ରତିମା ମିଶ୍ର, ଅନୁସୂୟା ନାଏକ, ଦୁଲାରି ନାଗ, ତନୁଜା ମହାନ୍ତି, ବିନୟ ଟପ୍ପୋ, କୌତୁକ ମେହେର, ଚନ୍ଦ୍ରକାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇ ଥିଲେ ।

## ଏସକଫ କଫ୍ ସିରପ ଜବତ, ୨ ଗିରଫ

**ସୋହେଲା, ୨୯।୭(ଡି.ଏନ.ଏ)**

ବେଆଇନ ଭାବେ ଏସ୍‌କଫ କଫ ସିରପ କାରବାର କରୁଥିବା ଅଭିଯୋଗରେ ସୋହେଲା ପୋଲିସ ସୋମବାର ୨ଜଣ ଯୁବକଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟକୁ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପାଣିମୋରା ଗ୍ରାମର ଉତ୍ତମ ସରାଫ (୩୨) ଓ ବନାବିରା ଗ୍ରାମର ମୁକେଶ ପଟେଲ (୩୦) । ସେମାନଙ୍କଠାରୁ ୪୯ଟି ଏସକଫ କଫ ସିରପ ବୋତଲ ଜବତ କରାଯାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୨୨/୧୯) ରୁଜୁ ହୋଇଛି।

## ଚୋରି ମୋବାଇଲ ଉଦ୍ଧାର, ୨ ଗିରଫ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ସଦର ଥାନା ପୋଲିସ ବୀରମାଳ ମଠରୁ ଚୋରି ହୋଇଥିବା ମୋବାଇଲ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନିଲେଶ୍ୱର ଗ୍ରାମର ସୁଶାନ୍ତ ସାହୁ ଓ ସୁଦାମ ସାହୁ । ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ଗତ ୨୬ତାରିଖ ମଠରେ ଭଜନ, କୀର୍ତ୍ତନ ସାରି ଶ୍ରଦ୍ଧାଳୁମାନେ ଶୋଇଥିଲେ । ବିଳମ୍ବିତ ରାତ୍ରିରେ ସେଠାକୁ ପହଞ୍ଚି ଅଭିଯୁକ୍ତମାନେ ଏକ ଦାମିକିଆ ମୋବାଇଲ ଚୋରି କରି ନେଇ ଫେରାର୍ ହୋଇ ଯାଇଥିଲେ ।

# ଲଗାଣ ବର୍ଷାରେ ୧୧ ଘର ଭାଙ୍ଗିଲା

**ଜୁନାଗଡ,୨୯।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଶୁକ୍ରବାରଠାରୁ ଲଗାଣ ବର୍ଷା ଜାରି ରହିଛି। ଫଳରେ ଚାରିଆଡେ ଜଳମଗ୍ନ ହେବା ସହ ଅନେକ ମାଟି ଝୁପୁଡି ଘର ଗୁଡିକ ଭାଙ୍ଗିଯାଇଛି। ଏପଟେ ଜୁନାଗଡ ହାତୀ ନଦୀରେ ମଧ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ବନ୍ୟା ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷେ ବର୍ତ୍ତମାନ ସୁଦ୍ଧା ଜୁନାଗଡ ତହସିଲ ଅଧୀନରେ ଥିବା ବିଭିନ୍ନ ଗ୍ରାମର ୧୧ଟି ଘର ଭାଙ୍ଗିଥିବା ଜଣାପଡିଛି। ଭାଙ୍ଗିଯାଇଥିବା ଘରଗୁଡିକର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ପ୍ରକାଶ କରିଛନ୍ତି।



ମଦ ବିରୋଧରେ ଜିଲାପାଳ ଅଫିସରେ ଫେରାଦ ହୋଇଥିବା ମହିଳାମାନେ ।

# ମଦ ବିରୋଧରେ ତାତିଲେ ମହିଳା

**ବରଗଡ଼ ଅଫିସ୍,୨୯।୭**

ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କୁ ପୁରସ୍କୃତ କରିବାକୁ ଯୋଜନା କରୁଛନ୍ତି। ଅନ୍ୟପଟେ ସାଧାରଣ ଜନତାଙ୍କ ଉପରେ ମଦ କାରବାରର ଯଥେଷ୍ଟ କୁପ୍ରଭାବ ପଡୁଛି। ଏହାସତ୍ତ୍ୱେ ଅବକାରୀ ବିଭାଗ ହାତବାନ୍ଧି ବସିଛି । ଏଭଳି ସ୍ଥଳେ ଗାଁ ଗହଳିର ମହିଳାମାନେ ସଙ୍ଗଠିତ ହୋଇ ମଦ ବିରୋଧୀ ଅଭିଯାନରେ ବାହାରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ସୋମବାର ବରଗଡ଼ ଜିଲା ଅମ୍ବାଭୋନା ଥାନା ଗଣ୍ଡିଆପାଲି ଗ୍ରାମର ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସଙ୍ଗଠିତ ହୋଇ ଜିଲାପାଳ ଅଫିସକୁ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ସେଠାରେ ଉପସ୍ଥିତ ଅବକାରୀ ଅଧିକାରୀ ସେହି ଗ୍ରାମରେ ଚୋରାମଦ କାରବାର ଚଳାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ମହିଳାମାନେ ଗ୍ରାମକୁ ଫେରିଥିଲେ । ଦୀର୍ଘଦିନ ହେଲା ଗଣ୍ଡିଆପାଲି ଗ୍ରାମରେ ଚୋରାମଦ କାରବାର ଚାଲିଛି । ଏ ନେଇ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅପରପକ୍ଷେ ଚୋରାମଦ କାରବାର ଯୋଗୁ ଗ୍ରାମର ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ମହିଳାମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ବିଭିନ୍ନ ସମୟରେ ମଦଜନିତ ହିଂସା ଘଟି ଚାଲିଥିବାବେଳ ଛାତ୍ରୀଛାତ୍ର ମଧ୍ୟ ସ୍କୁଲ, କଲେଜ ଯିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି। ଫଳରେ ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟ ନେଇ ଗଣ୍ଡିଆପାଲି ଗ୍ରାମର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଙ୍ଗଠିତ ହୋଇ ଏକ ସଭା କରିଥିଲେ। ସଭାର ନିଷ୍ପତ୍ତିକ୍ରମେ ମହିଳା ସ୍ୱୟଂ ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟାମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ । ଗ୍ରାମର ସରସ୍ୱତୀ, ପାର୍ବତୀ, ସମଲେଶ୍ୱରୀ, ତାରିଣୀ, ଶାରଳା, ମନିଷା, ଲକ୍ଷ୍ମୀ, ଭବାନୀ, ସାଗରୀକା, ନିହାରିକା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

ରାଉରକେଲା ଅଫିସ,୨୯।୭

ସେକ୍ଟର-୧୯ କମ୍ୟୁନିଟି ସେଣ୍ଟର ଓ ଇସ୍ପାତ ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ନିହାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ସାମିଲ ହୋଇ ଚାରାରୋପଣ କରିଥିଲେ। ଏହି ଅବସରରେ ବୃକ୍ଷ ହିଁ ଜୀବନ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରିବେଶ ସନ୍ତୁଳନ ସହ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ନେଇ ଏଥିରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଗୋଟିଏ ଲେଖାଁଏ ଚାରା ରୋପଣ କଲେ ଷ୍ଟିଲ ସିଟି ହସି ଉଠିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆକ୍ରୁର ମାର୍ଥା, ନିତମ୍ବିନୀ ସ୍ୱାଇଁ, ପୀତବାସ ପ୍ରଧାନ, ନରେନ୍ଦ୍ର ବେହେରା, ମିହିର ସାହୁ, ପ୍ରତିଭା ଭୋଇ, ରଶ୍ମିରେଖା ଦାସ, ରଶ୍ମିତା ନାୟକ, ନିଲୁ ପତି, ରାଜେଶ ମାଝି, ରୀତା ସେଠୀ, କୌଶଲ୍ୟା ପୃଷ୍ଟି, ଶଶୀକଳା ମହାନ୍ତି ଓ ବାସନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସୋମବାର ଆସିଲେ ଚିନ୍ତା

# ଶିବ ଭକ୍ତଙ୍କ ପାଇଁ ରାଜପଥ ଜାମ୍

ରାଉରକେଲା ଅଫିସ,୨୯।୭

ଏବେ ଶ୍ରାବଣ ମାସ ଚାଲିଛି। ମହାଦେବଙ୍କୁ ଜଳାଭିଷେକ କରିବାକୁ ଭକ୍ତଙ୍କ ମନରେ ନାହିଁ ନ ଥିବା ଆଗ୍ରହ। ଏ ନେଇ ପୂର୍ବ ରାତିରୁ ରାଜପଥରେ ମାନସିକଧାରୀଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ବିଭିନ୍ନ ଶୈବପୀଠକୁ ଯାତାୟାତ କରୁଥିବା ଭକ୍ତଙ୍କ ସୁରକ୍ଷା ନେଇ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଯାଉଛି। ଶିବଭକ୍ତଙ୍କ ଯୋଗୁ ପ୍ରତି ସୋମବାର ୧୪୩ନଂ ଜାତୀୟ ରାଜପଥ ଠପ୍ ହୋଇଯାଉଛି।




ବୋଲବମ୍ ଭକ୍ତଙ୍କ ସୁରକ୍ଷିତ ଯାତ୍ରା ପାଇଁ ରାଜପଥରେ ଭାରିଯାନଗୁଡ଼ିକ ଅଟକି ରହିଛନ୍ତି।

ହଜାର ହଜାର ସଂଖ୍ୟାର ଭାରିଯାନ ଦିନତମାମ ଅଟକି ରହୁଛି। ଏମିତି ଅବସ୍ଥାରେ ଅଟୋରିକ୍ସା, ବାଇକ୍ ଛୋଟ ଗାଡ଼ି ଚଳାଚଳରେ ଘୋର ବାଧା ସୃଷ୍ଟି ହେଉଛି। ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବାଦ୍ ପଡୁନି। ସ୍କୁଲ କଲେଜ ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିନା ଟ୍ରାଫିକ ନିୟନ୍ତ୍ରଣରେ ୨୦/୨୫ କିଲୋମିଟର ଭାରିଯାନ ଭିଡ଼ ଅତିକ୍ରମ କରିବା କାଠିକର ପାଠ ହୋଇପଡୁଛି। ନିୟମ ଭଙ୍ଗ କରି ଯଦି କେହି ସାମାନ୍ୟ ତ୍ରୁଟି କରି ବସୁଛି ତେବେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଯାହାକୁ ନେଇ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ବି ଶିବ ଭକ୍ତ ପାଇଁ ସମସ୍ତଙ୍କ ମୁହଁ ଚୁପ୍ ରହୁଛି।

# ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ବର୍ଷା ଆସର

ରାଉରକେଲା ଅଫିସ,୨୯।୭

ପୁରାତନ ସାହିତ୍ୟାନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଏହାର ସାରନଗରୀ କାର୍ଯ୍ୟାଳୟଠାରେ ବର୍ଷାକାଳୀନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏଥିରେ ସଭାନେତ୍ରୀ ପ୍ରଧାପିକା ଜ୍ୟୋତ୍ସ୍ନା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ଆଦିତ୍ୟ ଷଡ଼ଙ୍ଗୀ, ରମେଶ ରଥ ଯୋଗଦେଇ ଏଭଳି ସାହିତ୍ୟ ଆସର ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ଉପସ୍ଥିତ କବି ଲେଖକଙ୍କୁ ସ୍ୱାଗତ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ସୃଜନୀ ସାହିତ୍ୟ ସଂସଦ ତା'ର ୩୨ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ମରଣିକା ସହ ଅନ୍ୟ କେତେଜଣ କବି ଲେଖଙ୍କ ରଚିତ ପୁସ୍ତକ ଉନ୍ମୋଚନ ପ୍ରତି ଗୁରୁତ୍ୱ ଦେଉଥିବା କୁହାଯାଇଥିଲା। ଏଥିରେ ରାଜ୍ୟର ୩ଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସାଧାରଣ ସମ୍ପାଦକ ବେହୁରିଆ ସୂଚନା ଦେଇଥିଲେ। ଆଲୋଚନାରେ ବସନ୍ତ ଜେନା, କୁଳମଣି ସୂତାର ଓ କୈଳାସ ମହାକୁଡ଼ ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠ କାର୍ଯ୍ୟକ୍ରମକୁ ହରପ୍ରିୟା ପରିଡ଼ା ଓ ସୁଶାନ୍ତ ନାୟକ ସଂଯୋଜନା କରିଥିଲେ। ବିଷ୍ଣୁଚରଣ ସାମଲ, ବଂଶୀଧର ପାତ୍ର, ଅଭୟ ସାହୁ, ଆରତୀ ବେହେରା, ଜାନକୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗାଳ୍ପିକା ଲୀଳାବତୀ ମହାପାତ୍ର ନୀରତା ଶୀର୍ଷକ ଗଳ୍ପ ପାଠ କରି ଥିଲେ। ଶେଷରେ ସୁଶାନ୍ତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ବରଗଡ଼ ଅଫିସ୍,୨୯।୭: ବରଗଡ଼ ବ୍ଲକ ସରସରା ପଞ୍ଚାୟତ ଝାରଗୁଡ଼ିରେ ସୋମବାର ଅପରାହ୍ନ ୪ଟାରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଝାରଗୁଡ଼ିର ଶତ୍ରୁଘ୍ନ ବରିହା(୨୨)। ସେ ଘରେ ବିଦ୍ୟୁତ ମରାମତି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

## ଆହତଙ୍କୁ ମେଡିକାଲରେ ଭେଟିଲେ ସାମାଜିକ କର୍ମୀ

ରାଉରକେଲା ଅଫିସ,୨୯।୭

ଜୁଲାଇ ୨୪ ତାରିଖ ରାତିରେ ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ ଲହୁଣୀପଡ଼ା ଅଞ୍ଚଳର ରାଜକୁମାର ଜୟସ୍ୱାଲ ଓ ତାଙ୍କ ସ୍ତ୍ରୀ ଚଞ୍ଚଳା ନାୟକ। ଗୁରୁତର ଅବସ୍ଥାରେ ଏବେ ସେମାନେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଛନ୍ତି। ଏହି ଦମ୍ପତିଙ୍କ ଉପରେ ଆକ୍ରମଣକୁ ସାମାଜିକ କର୍ମୀ ଶାନ୍ତନୁ କୁସୁମ କଡ଼ା ଭାଷାରେ ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରବିବାର ସେ ଆର୍‌ଜିଏଚ୍ ଆସି ରାଜକୁମାର ଓ ଚଞ୍ଚଳାଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଡାକ୍ତରଙ୍କ ସହ ଆଲୋଚନା କରି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ନିବେଦନ କରିଥିଲେ।

# ଚାଲିଛି ବେଆଇନ ମୋରମ ଉତ୍ତୋଳନ

ଲଖନପୁର,୨୯।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ କୁମ୍ଭାରବନ୍ଧ ଆର୍‌ଆଇ ସର୍କଲ ଅଧୀନ ବିଶ୍ୱାଳଡେରା ଗ୍ରାମ ନିକଟରୁ ମାସେ ହେଲାଣି ଚାଲିଛି ବେଆଇନ ମୋରମ ଉତ୍ତୋଳନ। ଜେସିବି ଓ ହାଇୱା ସାହାଯ୍ୟରେ ମୋରମ ଉଠାଯାଇ ରେଙ୍ଗାଲି ଡେମ୍ପରୀପଡ଼ା ରାସ୍ତା ପାର୍ଶ୍ୱରେ ଫିଲିଂ ହେଉଛି। ହେଲେ ଏଥିପ୍ରତି ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ମୋରମ ଫିଲିଂ ହେଉଥିବା ସ୍ଥାନରୁ ଅଧ କିଲୋମିଟର ଦୂରରେ ରହିଛି କୁମ୍ଭାରବନ୍ଧ ଆର୍‌ଆଇ ଅଫିସ। ଏହି ରାସ୍ତାଦେଇ ଶହଶହ ମୋରମ ବୋଝେଇ ହାଇୱା ଯାତାୟାତ କରୁଛି। ଉକ୍ତ ରାସ୍ତାରେ ଖୋଦ ଆର୍‌ଆଇ ଓ ରାଜସ୍ୱ ବିଭାଗ କର୍ମଚାରୀ ମଧ୍ୟ ଯାତାୟାତ କରୁଛନ୍ତି। କିନ୍ତୁ ବେଆଇନ ମୋରମ ଚାଲାଣ ଉପରେ ଅଧିକାରୀମାନଙ୍କ ନଜର କିପରି ପଡୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳରେ ଏଭଳି ଅନେକ ସ୍ଥାନରୁ ଲଘୁ ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ହେଉଛି। ଏହାଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଛି। ଏ ନେଇ ସ୍ଥାନୀୟ ଲୋକେ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।



ବିଶ୍ୱାଳଡେରା ନିକଟରୁ ମୋରମ ଉଠାଯିବା ପରେ ସେଠାରେ ଖାଲ ସୃଷ୍ଟି ହୋଇଛି।

# ଆର୍‌ଟିଆଇକୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଛି

ରାଉରକେଲା ଅଫିସ,୨୯।୭

ସେକ୍ଟର-୨୨ ଇ ବ୍ଲକ ଅନ୍ତର୍ଗତ ମାଉସୀ ମା' ମନ୍ଦିରରେ ରବିବାର ସନ୍ଧ୍ୟାରେ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡା. ଅକ୍ଷୟ ସାମଲ ଏବଂ ସଞ୍ଜୟ ପଣ୍ଡାଙ୍କ ମିଳିତ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀ ଯୋଗଦେଇଥିଲେ। ସୂଚନା କର୍ମୀ ସଞ୍ଜୟ ପଣ୍ଡା କହିଥିଲେ, କେନ୍ଦ୍ର ସରକାର ସୂଚନା ଅଧିକାର ଆଇନର ପକ୍ଷ ଛେଦନ ନେଇ ଯେଉଁ ଯୋଜନା କରିଛନ୍ତି ତାହା ଦ୍ୱାରା ଜନସାଧାରଣ ଉପକୃତ ହେବେ ନାହିଁ। ମୂଳ ଆଇନରେ ସରକାରଙ୍କୁ ସୁହାଇବା ପରି ସଂଶୋଧନ କରାଯିବା ଅତ୍ୟନ୍ତ ଚିନ୍ତାର ବିଷୟ। ଯେଉଁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ଏହି ଆଇନ ପ୍ରଣୟନ କରାଯାଇଥିଲା ତାହାକୁ ବିକଳାଙ୍ଗ କରିବାକୁ ଉଦ୍ୟମ କରାଯାଇଛି ବୋଲି ପଣ୍ଡା ଅଭିଯୋଗ କରିଥିଲେ। ଡା. ସାମଲ କହିଥିଲେ, ସୂଚନା ଅଧିକାର ଆଇନ ଦେଶର ନାଗରିକଙ୍କ ପାଇଁ ଏକ ବଡ଼ ଅସ୍ତ୍ର। ଯେଉଁମାନେ ଦୁର୍ନୀତିରେ ବୁଡ଼ି ରହୁଥିଲେ ସେମାନେ ସୂଚନା ଅଧିକାର ଆଇନ ଆସିବା ପରେ ନିଜ ଚରିତ୍ର ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିବା ନଜିର ରହିଛି। ହେଲେ ସରକାର ଏହି ଆଇନକୁ ଅଧିକ କଠୋର କରିବା ପରିବର୍ତ୍ତେ ଦୁର୍ବଳ କରିବା ନାଗରିକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏ ଦିଗରେ ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି ସାମଲ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ସରକାରଙ୍କ ଉପରେ କିଭଳି ଚାପ ସୃଷ୍ଟି କରାଯାଇ ଆଇନର ମୂଳ ତତ୍ତ୍ୱକୁ ସୁରକ୍ଷିତ ରଖାଯିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଦେଶରେ ସୂଚନା ଅଧିକାର ନେଇ କାମ କରୁଥିବା କର୍ମୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। କେନ୍ଦ୍ର ସରକାର ଦେଶବାସୀଙ୍କୁ ଦେଇଥିବା ଏହି ଅସ୍ତ୍ରକୁ ଅଧିକ ଶାଣିତ କରିବା ପରିବର୍ତ୍ତେ ଦୁର୍ବଳ କରିବା ଘଟଣା ସୂଚନା କର୍ମୀଙ୍କୁ ଚକିତ କରିଛି। ଏ ନେଇ ଏକ ବଡ଼ ଧରଣର ଆନ୍ଦୋଳନ ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରୁଣ ପରିଡ଼ା ଓ ବିଚିତ୍ରାନନ୍ଦ ଦାସଙ୍କ ସମେତ ବହୁ ନାଗରିକ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ରୋଶନୀ ସକ୍ଷମସାଥୀ କର୍ମଶାଳା

ରାଉରକେଲା ଅଫିସ,୨୯।୭

ରାଉରକେଲା ଇସ୍ପାତ କାରଖାନାରୁ ଅବସର ଗ୍ରହଣ କରୁଥିବା କର୍ମଚାରୀ ଓ ସେମାନଙ୍କ ଜୀବନସାଥୀଙ୍କ ଉଦ୍ଦେଶ୍ୟରେ ରୋଶନୀ ସକ୍ଷମସାଥି ନାଁରେ ଏକ କର୍ମଶାଳା ସେକ୍ଟର-୧୯ ସିଭିକ୍ ସେଣ୍ଟରଠାରେ ଆୟୋଜନ କରାଯାଇଥିଲା। ଏଥିରେ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ଇଡି ଦିଲୀପ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। କାର୍ମିକ ବିଭାଗ ଡିଜିଏମ୍ ବିଜୟା ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ମହାପାତ୍ର କହିଥିଲେ, ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ସ୍ତ୍ରୀ ତଥା ଜୀବନସାଥୀଙ୍କୁ ନିରବଚ୍ଛିନ୍ନ ସହାୟତା ଓ ପ୍ରେରଣା ପ୍ରଦାନ କରିବା ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ଅବସରରେ ସେ କାରଖାନା ପକ୍ଷରୁ ପ୍ରଚଳନ କରାଯାଇଥିବା କେତେକ ମଙ୍ଗଳକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମିଶ୍ର ନିଜ ବକ୍ତବ୍ୟରେ ଅବସର ଜୀବନକୁ ଆନନ୍ଦମୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କାର୍ମିକ ବିଭାଗ ଏଜିଏମ୍ ଏସ୍. ବଡ଼ପଣ୍ଡା ଅବସରପ୍ରାପ୍ତ କର୍ମଚାରୀଙ୍କ ପରବର୍ତ୍ତୀ ଜୀବନ ଉପରେ ମନସ୍ତାତ୍ତ୍ୱିକ ଆଲୋଚନା କରିଥିଲେ। ଅର୍ଥ ବିଭାଗ ଡିଜିଏମ୍ ଜି.ଏସ୍. ଦାସ ଆର୍ଥିକ ସୁରକ୍ଷା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଆର୍ଟ ଅଫ୍ ଲିଭିଂର ବରିଷ୍ଠ ଫ୍ୟାକଲ୍ଟି ବଲବିନ୍ଦର କୌର ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା, ସୁସ୍ଥ ଜୀବନଧାରଣ ନିମନ୍ତେ ସାମଗ୍ରିକ ପ୍ରୟାସ ସନ୍ଦର୍ଭରେ ଆଲୋକପାତ କରିଥିଲେ। ଏସ୍. ବଡ଼ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରୋଶନୀ ସକ୍ଷମସାଥୀ କର୍ମଶାଳାରେ ଉପସ୍ଥିତ ଅତିଥି ଓ କର୍ମଚାରୀ।

# ଟିଆର୍‌ଏଲ୍ କ୍ରୋସାକି ପକ୍ଷରୁ ଜେଆର୍‌ଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି

ବେଲପାହାଡ଼,୨୯।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ବିଶିଷ୍ଟ ଶିଳ୍ପପତି, ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ଭାରତରତ୍ନ ଜାହାଙ୍ଗିର ରତନଜୀ ଦାଦାଭାଇ (ଜେଆର୍‌ଡି) ଟାଟାଙ୍କ ୧୧୫ ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ଟାଟା ପାର୍କଠାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ଟିଆର୍‌ଏଲ୍ କ୍ରୋସାକିର ବରିଷ୍ଠ ଉପସଭାପତି (କର୍ପୋରେଟ ସର୍ଭିସ) ଡ. ତାରାପଦ ଦାଶ, ମହାପ୍ରବନ୍ଧକ (ସାଧାରଣ ପ୍ରଶାସନ ଓ ସୁରକ୍ଷା) କର୍ନେଲ ଦେବଦତ୍ତ ମିଶ୍ର, ସହକାରୀ ମହାପ୍ରବନ୍ଧକ (ଲୋକସମ୍ପର୍କ ଓ ସିଏସ୍‌ଆର୍) ସନ୍ତୋଷ ମିଶ୍ର, ଉପପ୍ରବନ୍ଧକ (ଲୋକସମ୍ପର୍କ) ଶଶାଙ୍କ ଦୀକ୍ଷିତ ଓ ନିର୍ଦ୍ଦେଶକ (ମେଡିକାଲ ସର୍ଭିସ) ଡ. ତୁଷାରକାନ୍ତି ଦାଶଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଶ୍ରମିକ ସଂଘ କର୍ମକର୍ତ୍ତା ଓ କର୍ମଚାରୀ ଯୋଗଦେଇ ଜେଆର୍‌ଡିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜେଆର୍‌ଡି ଟାଟା ନିଜସ୍ୱ ଉଦ୍ୟମରେ ଭାରତରେ ଟାଟା ମୋଟର୍ସ, ଏୟାର ଇଣ୍ଡିଆ, ଲାକ୍‌ମି କସମେଟିକ୍ସ ଓ ଟାଟା କନସଲଟାନ୍ସି ସର୍ଭିସ ଭଳି ଅନେକ ସଂସ୍ଥା ପ୍ରତିଷ୍ଠା କରିଥିଲେ। ସେ ପ୍ରଥମ ଭାରତୀୟ ଭାବେ ୧୯୨୯ ମସିହାରେ ପାଇଲଟ ଲାଇସେନ୍ସ ପାଇବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତ ସରକାର ତାଙ୍କୁ ୧୯୯୨ ମସିହାରେ ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଥିଲେ। ଟାଟା ୧୯୦୪ ଜୁଲାଇ ୨୯ରେ ଫ୍ରାନ୍ସର ପ୍ୟାରିଶଠାରେ ଜନ୍ମଗ୍ରହଣ କରିଥିଲେ। ୧୯୯୩ ନଭେମ୍ବର ୨୯ରେ ଜେନେଭାଠାରେ ତାଙ୍କ ପରଲୋକ ହୋଇଥିଲା।




ବେଲପାହାଡ଼ ଟାଟା ପାର୍କଠାରେ ଜେଆର୍‌ଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଉପସ୍ଥିତ ଟିଆର୍‌ଏଲ୍ କ୍ରୋସାକି ଅଧିକାରୀ, କର୍ମଚାରୀ।

# କିର୍ମିରାରେ ଜିଲାପାଳଙ୍କ ଜନଶୁଣାଣି

କିର୍ମିରା,୨୯।୭(ଡି.ଏନ୍.ଏ.)

କିର୍ମିରା ବ୍ଲକ ରାଜୀବ ସେବାକେନ୍ଦ୍ରରେ ଝାରସୁଗୁଡ଼ା ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୬ଟି ସାମୂହିକ ଏବଂ ୭୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଭାଲୁପତ୍ରା-କିଷାନପଡ଼ା ରାସ୍ତା, କିର୍ମିରାରେ ଆଦର୍ଶ ବିଦ୍ୟାଳୟ ପାଇଁ ଜମି, କଳାକାର ଭତ୍ତା, ହାତୀ ଜନିତ କ୍ଷୟକ୍ଷତି, କିର୍ମିରା ଗ୍ରାମରେ ଗଛକଟା ଏବଂ ମୁଖ୍ୟ ରାସ୍ତାରେ ଡ୍ରେନ୍ ନିର୍ମାଣ ସମ୍ପର୍କରେ ଅଭିଯୋଗ ହୋଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ବିଦ୍ୟାଧର ଭଇଁଷାଙ୍କୁ ୫ ହଜାର ଏବଂ ମିଥିଲା ପୋଡ଼ଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଏସ୍‌ପି ଅଶ୍ୱିନୀ ମହାନ୍ତି, ଉପଜିଲାପାଳ ଶିବ ଟପୋ, ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ବିଡିଓ ବୀରେନ୍ଦ୍ର ସେଠୀ, ତହସିଲଦାର ମୁକୁଟମଣି ଖେସ, ଲଇକେରା ଥାନା ଅଧିକାରୀ ବିଶ୍ୱପତି ପତ୍ରା, ଡବ୍ଲ୍ୟୁଇଓ ଆରତୀ ସ୍ୱାଇଁ, ସିଡିପିଓ ଯଶୋବନ୍ତୀ ପୁରୋହିତ, ଏଇ ଧନୁଞ୍ଜୟ ସେଠ, ଜିଲା ପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲ, ବିଇଓ ଅଶୋକ କୁମାର ପଟେଲ, ସରପଞ୍ଚ ରୀନା ନାୟକ, ଅଶ୍ୱିନୀ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଲଖନପୁର,୨୯।୭(ଡି.ଏନ୍.ଏ.)

ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା ଚାଣ୍ଟିପାଲି ପ୍ରାଥମିକ ସ୍କୁଲ ପରିସରରେ ବ୍ଲକ ଯୁବ ସଂଗଠନ ପକ୍ଷରୁ ଡାକ୍ତର ଗିରିଶ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ପ୍ରଧାନ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ମୋହନ ସାହୁ, ଚକାନନ୍ଦ ସା, ଦ୍ୱିତୀୟ ଭୋଇ, ଜୟରାମ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିବିରରୁ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା. ରାଉତଙ୍କ ସମେତ କୁନ୍ଦନ ସିଂହଦେଓ, ନିମାଇଁ ସାହୁ, ପ୍ରମୋଦ ବିଶି, ସମ୍ରାଟ ବିଶ୍ୱାଳ, ଦୃବାଦଳ ଭୋଇ, ଅନିଲ ସେଠ, ଅବଦୁତ ଭୋଇ, ଅନିଲ ନେଗୀ, ରକ୍ଷପାଲ ବିଶି ପ୍ରମୁଖ ରକ୍ତଦାନ କରିଥିଲେ। ଝାରସୁଗୁଡ଼ା ବ୍ଲଡ୍ ବ୍ୟାଙ୍କ ଅଧିକାରିଣୀ ଡା. ଶୀଲବତି ଜୋଜ, ଭାବଗ୍ରାହୀ ବେହେରା, ଦୋଲଗୋବିନ୍ଦ ଛଞ୍ଆଣ, ଭବାନୀ ଶଙ୍କର ସୁନ୍ୟାନୀ, କାହ୍ନା ମନ୍ଦୋଦରୀ, ପ୍ରକାଶ ପଣ୍ଡା, ଆୟୋଜକ ଯୁବ ସଂଗଠନର ସରୋଜ ପ୍ରଧାନ, ସୁକୁମାର ପୁରୋହିତ, ସଞ୍ଜୟ ଭୋଇ, ବିଶାଳ ପତି, ରମଣି ବାରିକ, ଭୀଷ୍ମଦେବ ସାହୁ, ଚୈତନ୍ୟ ଦେହେରୀ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ରମାଦେବୀ ଜୟନ୍ତୀ, ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ

ରାଉରକେଲା ଅଫିସ,୨୯।୭

ଉତ୍କଳ ନବଜୀବନ ମଣ୍ଡଳ ରାଉରକେଲା ଶାଖା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରମା ଦେବୀଙ୍କ ଜୟନ୍ତୀ ଓ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠାନ ସଭାପତି ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଦେଶର ଆଇନ ଓ ମହିଳା ଶୀର୍ଷକ ଏହି ଆଲୋଚନାଚକ୍ରରେ ଏନ୍‌ଆଇଟିର ଅବସରପ୍ରାପ୍ତ ପ୍ରଫେସର ପ୍ରମିଳା ପଣ୍ଡା, ଆଇନଜୀବୀ ବବିତା ମହାପାତ୍ର, ଡିଏଭି ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ମହାଶ୍ୱେତା ସାହୁ ଓ ନାରୀ ନେତ୍ରୀ ମୀନତି ଧଳସାମନ୍ତ ଭାଗ ନେଇଥିଲେ। ସଭାପତି ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ଆଲୋଚନାର ବିଷୟବସ୍ତୁ ଉପରେ ଭିତ୍ତିପ୍ରବନ୍ଧ ପାଠ କରି ବର୍ତ୍ତମାନ ମହିଳାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହିଳାଙ୍କ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ନେଇଥିବା କେତେକ ନିଷ୍ପତ୍ତିର ଉଦାହରଣ ଦେଇଥିଲେ ବିଶ୍ୱାଳ। ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ ରମା ଦେବୀ ଓ ମାଳତୀ ଦେବୀଙ୍କ ଜୀବନୀ, ଜୀବନ ସଂଗ୍ରାମ ଓ ଜନସେବା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ପଣ୍ଡା ଇତିହାସରେ ମହିଳାଙ୍କ ଅବଦାନ, ବର୍ତ୍ତମାନର ସ୍ଥିତି ଓ ଏବେ ଦେଖାଦେଇଥିବା ସମସ୍ୟା କିପରି ସାମାଜିକ ଜୀବନକୁ କଳୁଷିତ କରୁଛି ତାହା ବର୍ଣ୍ଣନା କରିଥିଲେ। ଆଇନଜୀବୀ ମହାପାତ୍ର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନର ତର୍ଜମା କରିଥିଲେ। ମିନତୀ ଧଳସାମନ୍ତ ରାଜନୈତିକ ଜୀବନରେ କିପରି ମହିଳାଙ୍କ ସମସ୍ୟା ବଢ଼ି ଚାଲିଛି ସେ ସମ୍ପର୍କରେ କହିଥିଲେ। ସଭା ଆରମ୍ଭରେ ରମା ଦେବୀ ଓ ମାଳତୀ ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ନବଜୀବନ ମଣ୍ଡଳର ମୁଖ୍ୟ କର୍ମୀ ସୁନନ୍ଦା ବରାଳ ଅନୁଷ୍ଠାନର କାର୍ଯ୍ୟ ବିବରଣୀ ଉପସ୍ଥାପନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଭଗବାନ ପଣ୍ଡା, ସୋମନାଥ ଲେଙ୍କା, ଡ. ରଘୁନାଥ ଦାଶ, ପୀତାମ୍ବର ନାୟକ, ନଳିନୀ ପଟ୍ଟନାୟକ, ଲକ୍ଷ୍ମୀଧର ନାୟକ, କିଶୋର ତ୍ରିପାଠୀ, ହେମନ୍ତ ତାଣ୍ଡିଆ, ପୂର୍ଣ୍ଣଚନ୍ଦ୍ର ଦାସ, କାହ୍ନୁଚରଣ ଥାଟୋଇ, ପ୍ରମୋଦ ବୈଠାଳୁ, ଦୀପାଞ୍ଜଳି ଦାସ, ସନ୍ତୋଷ ନାୟକ, କୈଳାସ ସାହୁ, ପ୍ରଭାତ ମହାନ୍ତି, ଧର୍ମାନନ୍ଦ ପୃଷ୍ଟି, ସୁନନ୍ଦା ବରାଳ, ସୁଷମା ମହାପାତ୍ର, ସୁବାସିନୀ ଗଉଡ଼, ସୁମିତ୍ରା ନାୟକ, ମମତା ପ୍ରଧାନ ଓ ସନ୍ତୋଷ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍କଳ ନବଜୀବନ ମଞ୍ଚ ପକ୍ଷରୁ ରମା ଦେବୀ ଜୟନ୍ତୀ ଓ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।